ମେଜିକ୍ ଶିଡ଼ି

ମୂଳ ଇଂରାଜୀ ଲେଖା
ବିଶ୍ୱଜିତା ଦାସ

ଓଡ଼ିଆ ଅନୁବାଦ
କିଶୋରୀ ଚରଣ ଦାସ



ମେଜିକ୍ ଶିଡ଼ି

(ଶିଶୁଗଳ୍ପ)

ମୂଳ ଇଂରାଜୀ :

ବିଶ୍ୱଜିତା ଦାସ

ଓଡ଼ିଆ ଅନୁବାଦ :

କିଶୋରୀ ଚରଣ ଦାସ

ସଂପାଦନା ଓ ଉପସ୍ଥାପନା :

ଡକ୍ଟର ବିଜୟାନନ୍ଦ ସିଂହ

ଫ୍ରେଣ୍ଡସ୍ ପବ୍ଲିଶର୍ସ

ପୁସ୍ତକ ପ୍ରକାଶକ ଓ ବିକ୍ରେତା

ବିନୋଦବିହାରୀ, କଟକ-୨

Digitized by srujanika@gmail.com

ମେଜିକ୍ ଶିଢ଼ି - ମୂଳ ଇଂରାଜୀ : ବିଶ୍ୱଜିତା ଦାସ, ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ, ସଂପାଦନା ଓ ଉପସ୍ଥାପନା : ଡକ୍ଟର ବିଜୟାନନ୍ଦ ସିଂହ, ପ୍ରକାଶକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ - ୭୫୩ ୦୦୨, ପ୍ରଚ୍ଛଦ : ରଂଜିତ ପରିଜା, ଅଳଙ୍କରଣ : ଅତନୁ ରାୟ, ସୁଧାସତ୍ତ୍ୱ ବସୁ, ସୁଜାତା ସିଂହ, ଟାଇପ୍‌ସେଟ୍ : ୟୁନିଟେକ୍, କଟକ - ୭୫୩ ୦୦୧, ମୁଦ୍ରଣ: ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍, କଟକ ।

MAGIC SHIDI – Original English : Viswajita Das, Oriya Translation : Kishori Charan Das, Edited & Presented by : Dr. Bijayananda Singh, Publisher : Friends' Publishers, Binodbehari, Cuttack - 753 002, Orissa, (India), Cover Design : Ranjit Parija, Illustration : Atanu Ray, Sudhasattwa Basu, Sujata Singh, D.T.P. : Unitech, Cuttack - 753 001, Printer : Laxmi Offset Press, Cuttack.

First Edition : 2005

ISBN 81-7401-585-X

Price : **Rs. 35**

Digitized by srujanika@gmail.com

ଦି'ପଦ

ଆଜି ଏଇ ବହିଟିକୁ କାହିଁକି ଓଡ଼ିଶାର ଶିଶୁ ଓ ଶିଶୁ-ସାହିତ୍ୟପ୍ରେମୀ ପାଠକପାଠିକାମାନଙ୍କ ପାଖରେ ପହଞ୍ଚେଇବାକୁ ଚାହିଲି, ସେ ବିଷୟରେ ଦି'ପଦ କହିଲେ ଭଲ ହେବ ପରା ।

ବିଶ୍ୱଜିତା ମୋ'ର ଝିଅ, ଯେ ଅକାଳରେ ଆମକୁ ଛାଡ଼ି ଚାଲିଗଲା ୧୯୯୦ ମସିହାରେ, ଯେତେବେଳେ ତାକୁ ମାତ୍ର ୩୭ ବର୍ଷ ହୋଇଥିଲା । କେଉଁ 'ମେଜିକ୍ ଶିଡ଼ି'ରେ ଚଢ଼ି ତା'ର ପରୀ ରାଇଜକୁ, ଯେଉଁଠି ତାକୁ ବେଶି ଭଲ ଲାଗିବ ବୋଧହୁଏ । ଯାହାହେଉ ବଞ୍ଚି ରହିଥିଲେ ତାକୁ ପଚାଶବର୍ଷ ପୂରିଥାଆନ୍ତା ଏବର୍ଷ । ଯେହେତୁ ମୋ'ର ମନକୁ ଆସିଲା ଯେ ସେ ନାହିଁ ବୋଲି କ'ଣ ତା'ର 'ସୁବର୍ଣ୍ଣ ଜୟନ୍ତୀ' ଅନୁଷ୍ଠିତ ହେବ ନାହିଁ ? ତା'ର ସ୍ମୃତିକୁ ସମ୍ମାନ ଦେବୁ ନାହିଁ ଆମେ, ଏଭଳି ଫୁଲଚନ୍ଦନ ଦେଇ, ଯେଉଁଥିରେ ତା'ର ଶିଶୁଗତ ଆତ୍ମା ଆହୁରି ଖୁସି ହୋଇଉଠିବ ? ସେଇଥିପାଇଁ ତା' ବୁଢ଼ା ବାପାର ଏଇ ତଥାକଥିତ ଉଦ୍ୟମ, ତା' ମାଆର ହାତକୁ ମୁଠେଇ ଧରି । ଭାବିଲି ଯେ ଯେହେତୁ ମୁଁ ଜଣେ ଲେଖକ, ମୁଁ ତା'ର ଇଂରାଜୀରେ ଲେଖା ହୋଇଥିବା ଗଳ୍ପ ଭିତରୁ କେତୋଟିକୁ ଓଡ଼ିଆରେ ଅନୁବାଦ କରି ପହଞ୍ଚେଇବି ଓଡ଼ିଶାର ପାଠକପାଠିକମାନଙ୍କ ପାଖରେ । ତାହାହିଁ ସେଇ ଓଡ଼ିଆ ଝିଅର କାମ୍ୟ ଥିଲା ନିଶ୍ଚୟ, ଯାହା ତା'ର ସୀମିତ ଜୀବଦ୍ଦଶାରେ ସମ୍ଭବ ହୋଇପାରିଲା ନାହିଁ ।

ଓଡ଼ିଶା ସରକାରଙ୍କ ଦ୍ୱାରା ୧୯୯୪ରେ ଅନୁଷ୍ଠିତ ହୋଇଥିବା ''ବିଶ୍ୱଜିତା ସ୍ମୃତି ପୁରସ୍କାର'' ମଝିରେ କେତୋଟି ବର୍ଷ କାର୍ଯ୍ୟକାରୀ ହୋଇପାରିନଥିଲା, ନାନାଦି କାରଣରୁ । କିନ୍ତୁ ସୁଖର ବିଷୟ ଯେ ଏହି ବର୍ଷଠାରୁ ତା'ର ପୁନରୁଦ୍ଧାର କରାଯିବ ବୋଲି ଶିକ୍ଷା ବିଭାଗର ସଚିବ ମୋତେ ଜଣାଇଛନ୍ତି ।

ବିଶ୍ୱଜିତାର ସଂକ୍ଷିପ୍ତ ଜୀବନୀ ଓ ସାହିତ୍ୟକୃତି ଏବଂ ତା'ର ସ୍ମୃତିଚାରଣ ପାଇଁ ଉପଯୋଗୀ କେତୋଟି ଲେଖା ଗଳ୍ପଗୁଚ୍ଛର ଶେଷରେ ଦିଆଯାଇଛି ।

Digitized by srujanika@gmail.com

ତା'ର ସୂଚୀ ଏହି ପ୍ରକାର–

(୧) ସଂକ୍ଷିପ୍ତ ଜୀବନୀ ଓ ସାହିତ୍ୟ କୃତି ।

(୨) 'ଶିଶୁ ସାହିତ୍ୟ ସମିତି, ଓଡ଼ିଶା' ପକ୍ଷରୁ ବିଶ୍ୱଜିତା ସ୍ମୃତି ପୁରସ୍କାର ଉଦ୍ଦେଶ୍ୟରେ ପରିବେଷିତ ସୂଚନାପତ୍ର (୧୯୯୫) ।

(୩) ବିଶ୍ୱଜିତାର ବିୟୋଗପରେ ତା'ର କର୍ମସ୍ଥଳୀରୁ ଉପଲବ୍ଧ କେତୋଟି ଶ୍ରଦ୍ଧା ସୁମନ :

i) Children's Book Trustର ମୁଖପତ୍ର "Children's World"ର ଜାନୁଆରୀ ୧୯୯୧ ସଂଖ୍ୟାରେ ପ୍ରକାଶିତ ସମ୍ପାଦକୀୟର ଉଦ୍ଧୃତାଂଶ ଏବଂ ତତ୍‌ସଂଲଗ୍ନ ବିଶ୍ୱଜିତା ଦ୍ୱାରା ଲିଖିତ ଗୋଟିଏ କବିତାର ନକଲ ।

ii) Living Media Indiaର ଶିଶୁ ପତ୍ରିକା "Target" ର ଡିସେମ୍ବର ୧୯୯୦ ସଂଖ୍ୟାରେ ପ୍ରକାଶିତ ଶୋକବାର୍ତ୍ତାର ନକଲ ।

iii) "Target"ର ପାଠକପାଠିକାମାନଙ୍କଠାରୁ ମିଳିଥିବା କେତୋଟି ଚିଠି ଏବଂ ସେଥିସହ ସମ୍ପାଦିକାଙ୍କଠାରୁ ମିଳିଥିବା ଚିଠିର ନକଲ ।

iv) ବିଶ୍ୱଜିତାର ସ୍ମୃତିଚାରଣ ଉଦ୍ଦେଶ୍ୟରେ ଆୟୋଜିତ ପ୍ରାର୍ଥନା ସଭାରେ 'Target'ର ସମ୍ପାଦିକା Rosalind Wilsonଙ୍କ ଦ୍ୱାରା ଲିଖିତ ଗୋଟିଏ କବିତାର ନକଲ ।

v) "Target"ର ସମ୍ପାଦିକାଙ୍କଠାରୁ ମିଳିଥିବା ଚିଠିର ନକଲ ।

ମୋ' ଆଦିଭୂମିର ଜଣେ ବିଶିଷ୍ଟ ନେତା ଓ ସାହିତ୍ୟିକ ସେକ୍ ମତ୍‌ଲୁବ୍ ଅଲି ଏହାର ମୁଖବନ୍ଧ ଲେଖିବା ପାଇଁ ରାଜି ହୋଇଛନ୍ତି । ଫ୍ରେଣ୍ଡସ୍ ପବ୍ଲିଶର୍ସର ସ୍ୱତ୍ୱାଧିକାରୀ ସହଦେବ ପ୍ରଧାନ ମଧ୍ୟ ଆଗ୍ରହର ସହିତ ବହିଟିକୁ ଛପାଇବାରେ ଦାୟିତ୍ୱ ବହନ କରିଛନ୍ତି । ଏହି ସହୃଦୟ ବନ୍ଧୁମାନଙ୍କ ପ୍ରତି ମୁଁ ମୋ'ର ଗଭୀର କୃତଜ୍ଞତା ଜଣାଉଛି ।

—*କିଶୋରୀ ଚରଣ ଦାସ*

Digitized by srujanika@gmail.com

ପ୍ରଥମ ପାହାଚ

'ମେଜିକ୍ ଶିଡ଼ି'ର ସ୍ରଷ୍ଟା ବିଶ୍ୱଜିତା ଦାସ । ଏହାର ଓଡ଼ିଆ ଅନୁବାଦ କରିଛନ୍ତି ବିଶ୍ୱଜିତାଙ୍କ ପିତା, ଯଶସ୍ୱୀ ସାରସ୍ୱତ ସାଧକ କିଶୋରୀ ଚରଣ ଦାସ । 'ମେଜିକ୍ ଶିଡ଼ି'ର ଲେଖିକା ଓ ଏହାର ଅନୁବାଦକ ଆମ ଗହଣରୁ ଚିରକାଳ ପାଇଁ ବିଦାୟ ନେଇଯାଇଛନ୍ତି । ଏହି ଦୁଇ ସାରସ୍ୱତ ଶିଳ୍ପୀଙ୍କ ଅନୁପସ୍ଥିତିରେ ସେମାନଙ୍କ ଏହି ଆକାଂକ୍ଷିତ ଗ୍ରନ୍ଥ ପ୍ରକାଶିତ ହେଉଛି । ଗଭୀର ଦୁଃଖ, ବ୍ୟଥା ଓ ବେଦନା ଭିତରେ ମୋ ଦ୍ୱାରା ଏହା ସଂପାଦିତ ଓ ଉପସ୍ଥାପିତ ହେଉଛି । କିନ୍ତୁ ମୁଁ ଆଶ୍ୱସ୍ତ ଯେ ବିଳମ୍ବରେ ହେଲେ ମଧ ତାହା କାର୍ଯ୍ୟକାରୀ ହୋଇପାରିଛି ।

ବିଶ୍ୱଜିତା ଜଣେ ଲେଖିକା, ଅନୁବାଦିକା, ସଂପାଦିକା ଭାବରେ ସୁପରିଚିତ । ବିଶେଷ ଭାବରେ ଶିଶୁ ସାହିତ୍ୟକୁ ତାଙ୍କର ରହିଛି ଅନବଦ୍ୟ ଅବଦାନ । ଜାତୀୟସ୍ତରରେ ତାଙ୍କର ସୃଷ୍ଟି-ପ୍ରତିଭା ସ୍ୱୀକୃତ । ସୀମିତ ଜୀବନକାଳ ମଧ୍ୟରେ ସାହିତ୍ୟ, ସଂସ୍କୃତି ଓ କଳାଜଗତକୁ ସମୃଦ୍ଧ କରିବା ପାଇଁ ତାଙ୍କର ନିରନ୍ତର ପ୍ରଚେଷ୍ଟାର ପଟାନ୍ତର ନାହିଁ। ସେ ଶିଶୁମାନଙ୍କ ଉଦ୍ଦେଶ୍ୟରେ ବହୁ ଗଳ୍ପ ରଚନା କଲା ପରେ ତାହା ବିଭିନ୍ନ ପତ୍ର-ପତ୍ରିକା ପୃଷ୍ଠା ମଣ୍ଡନ କରିଛି । ପରବର୍ତ୍ତୀ ସମୟରେ ଏହି ରଚନାଗୁଡ଼ିକୁ ନେଇ ପୁସ୍ତକରେ ପ୍ରକାଶିତ ହୋଇଛି ''ଦି ମୁନ୍ ବିମ୍ସ୍'' ନାମରେ । ଏହାର ପ୍ରକାଶକ ହେଉଛନ୍ତି ଦିଲ୍ଲୀର ରତ୍ନସାଗର ପ୍ରକାଶନୀ । ଏହି ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ 'ଟେନ୍ ମଡର୍ଣ୍ଣ ଶର୍ଟ ଷ୍ଟୋରିଜ୍' ପୁସ୍ତକରେ ବିଶ୍ୱଜିତାଙ୍କ ଗଳ୍ପ ସ୍ଥାନିତ ହୋଇଛି; ଯେଉଁ ପୁସ୍ତକଟି ଦିଲ୍ଲୀ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ପାଠ୍ୟପୁସ୍ତକ ରୂପେ ଗୃହୀତ ହୋଇ ବିଭିନ୍ନ ବିଦ୍ୟାଳୟରେ ପ୍ରଚଳିତ । ସେ ମଧ ପ୍ରସିଦ୍ଧ ଓଡ଼ିଆ ଲୋକଗଳ୍ପ 'ଟୁଆଁଟୁଇଁ'କୁ ଇଂରାଜୀରେ ଅନୁବାଦ କରିଛନ୍ତି ଓ ତାହା ଦିଲ୍ଲୀର ଲିଭିଂ ମେଡିଆ ପକ୍ଷରୁ ପ୍ରକାଶିତ ହୋଇଛି । ସଂପାଦିକା ଭାବରେ ତାଙ୍କର ମଧ ରହିଛି ସ୍ୱତନ୍ତ୍ର ପରିଚୟ । 'ଇଣ୍ଡିଆ ଟୁଡେ' ପତ୍ରିକା ଗୋଷ୍ଠୀ ଦ୍ୱାରା ପ୍ରକାଶିତ ସୁପ୍ରତିଷ୍ଠିତ ଶିଶୁ ପତ୍ରିକା 'ଦି ଟାରଗେଟ୍'ର

Digitized by srujanika@gmail.com

ସେ ଥିଲେ ପ୍ରଥମ ସହଯୋଗୀ ସଂପାଦିକା । ଏହି ପତ୍ରିକାରେ ବିଶ୍ୱଜିତା ଧାରାବାହିକ ଭାବେ ରହସ୍ୟ-ରୋମାଞ୍ଚପୂର୍ଣ୍ଣ ଲେଖା 'ମୁଛୁଓ୍ୱାଲା' ଲେଖୁଥିଲେ । ତାଙ୍କର କାର୍ଟୁନ୍ ଧାରାବାହିକ 'ଗାୟବ୍ ଆୟା' ଦିଲ୍ଲୀ ଦୂରଦର୍ଶନରୁ ପ୍ରସାରିତ ହୋଇ ବହୁ ପ୍ରଶଂସା ଅର୍ଜନ କରିଥିଲା । ବିଶ୍ୱବିଖ୍ୟାତ ବ୍ୟଙ୍ଗ-ଚିତ୍ରକର ଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ ଚିଲଡ୍ରେନ୍ସ ବୁକ୍ ଟ୍ରଷ୍ଟର ମୁଖପତ୍ର 'ଚିଲ୍‌ଡ୍ରେନ୍ସ ଓ୍ୱାର୍ଲ୍‌ଡ'ର ସେ ଥିଲେ ଜଣେ ପ୍ରମୁଖ ସଦସ୍ୟା । ଏହି ପ୍ରତିଭା ସଂପନ୍ନ ଶିଳ୍ପୀଙ୍କ ଜୀବନ କାଳ ଖୁବ୍ ସଂକ୍ଷିପ୍ତ । ବିଶ୍ୱଜିତାଙ୍କ ଜନ୍ମ ୧୯୫୩ ଅଗଷ୍ଟ ୨୦ ତାରିଖରେ । କିନ୍ତୁ ଆଗ୍ରା ନିକଟରେ ୧୯୯୦ ନଭେମ୍ବର ୧୧ ତାରିଖରେ ଏକ ଆକସ୍ମିକ ସଡ଼କ ଦୁର୍ଘଟଣାରେ ତାଙ୍କର ତିରୋଧାନ ଘଟେ ।

ବିଶ୍ୱଜିତାଙ୍କ ପିତା କେବଳ ଓଡ଼ିଆ ସାହିତ୍ୟ କାହିଁକି, ଭାରତୀୟ ସାହିତ୍ୟର ପ୍ରଖ୍ୟାତ ସାହିତ୍ୟ ସାଧକ କିଶୋରୀ ଚରଣ ଦାସ । ସେ ଥିଲେ ମଣିଷକୁ ଆନ୍ତରିକ ଭାବରେ ଭଲପାଇବାର ଜଣେ ଅନନ୍ୟ ସ୍ରଷ୍ଟା । ବିଶ୍ୱଜିତାଙ୍କ ତିରୋଧାନ ତାଙ୍କୁ ଦେଇଥିଲା ଏକ ଶକ୍ତ ଆଘାତ ତାଙ୍କ ନିଜ ଭାଷାରେ– ''ଶେଷ ହେଲା ପରି ଲାଗିଲା ଯେତେବେଳେ ଗୋଟାଏ ବଜ୍ରାଘାତ ଧରାଶାୟୀ କରିଦେଲା ମୋତେ, ମୋର ସମସ୍ତ ସାହିତ୍ୟ କୃତିକୁ ଉପହାସ କରି । ନଭେମ୍ବର ୧୧ ତାରିଖ ୧୯୯୦ ସେଇଦିନ ମୋର ୩୮ ବର୍ଷ ବୟସର ଝିଅ ବିଶ୍ୱଜିତା ଓରଫ୍ ବେବି ଛାଡ଼ି ଚାଲିଗଲା ଆମକୁ ସବୁଦିନ ପାଇଁ । × × × ତା' ମାଆକୁ ହିଁ ଶଙ୍ଖା ସିନ୍ଦୂର ପିନ୍ଧେଇବାକୁ ପଡ଼ିଲା ସେଇ ନିର୍ଜୀବ ଦେହକୁ; ତାକୁ ସଧବାର ସମ୍ମାନ ଆଣିଦେବାପାଇଁ । ଏବଂ ସେ କହୁଛି କାନ୍ଦି କାନ୍ଦି– ''ଏଇ ଝିଅକୁ ମୁଁ କନିଆଁ ବେଶରେ ସଜେଇଥିଲି ନା ଏଇ କେଇଟା ବର୍ଷ ତଳେ !'' ଯା ପରେ ଯେଉଁ ରାଗ ଆସିଲା ମୋ' ମନରେ ଅନ୍ଧ ଅପୁଆଁର ଅଦୃଷ୍ଟ ଉପରେ ସେଥିରେ ମୁଁ ପାଟି କରି ଉଠିଲି ନିଜକୁ ନିଜେ– ଚୁଲିକୁ ଯାଉ ଏ ମୋର ସାହିତ୍ୟ ! ମୁଁ ଆଉ କିଛି ହେଲେ କିଛି କରିବି ନାହିଁ ଏଣିକି । କିନ୍ତୁ ତା କେଉଁଠୁ ହେଲାଣି ? ଆଉ କ'ଣଟା ଅଛି ଏଇ ହତଭାଗା ଜୀବନରେ ।'' କିଶୋରୀ ଚରଣ ସିନା ସେଦିନ ସେହି ଦୁଃଖରେ ଭାଙ୍ଗିପଡ଼ିଥିଲେ କିନ୍ତୁ ପରବର୍ତ୍ତୀ ସମୟରେ ସେ ହୋଇଛନ୍ତି ସଚେ୍ତନ । ତାଙ୍କ କନ୍ୟା ବେବିକୁ ଭଲପାଇବା ରୂପାନ୍ତରିତ ହୋଇଛି ତାଙ୍କ ସାହିତ୍ୟ କୃତିରେ । ୨୦୦୩ରେ ବିଶ୍ୱଜିତାଙ୍କୁ ହୋଇଥାନ୍ତା ପଚାଶ ବର୍ଷ । ସ୍ନେହୀ ସାହିତ୍ୟିକ, ବାପା କିଶୋରୀଚରଣ ପାଳିଥାନ୍ତେ କନ୍ୟାର ସୁବର୍ଣ୍ଣ ଜୟନ୍ତୀ– ଝିଅ ଶରୀରରେ ଥାଉ ବା ନଥାଉ– ସେ କିନ୍ତୁ ସ୍ମରଣ କରିବେ ଏହି ଦିନକୁ । କିଶୋରୀଚରଣଙ୍କ ଇଚ୍ଛା ଥିଲା ଅନ୍ୟ ପ୍ରକାରର । ଏହି ପରିପ୍ରେକ୍ଷୀରେ ବିଶ୍ୱଜିତାଙ୍କ ରଚିତ ଇଂରାଜୀ ଗଳ୍ପଗୁଡ଼ିକର ନିର୍ବାଚନ କରି କେତୋଟି ଗଳ୍ପର ଓଡ଼ିଆ ଅନୁବାଦ କରି ବିଶ୍ୱଜିତାଙ୍କ ଅନନ୍ୟ ରଚନାକୁ ଓଡ଼ିଆ ପାଠକମାନଙ୍କ ସମ୍ମୁଖରେ ପରିଚିତ କରାଇବେ । ଏଥିପାଇଁ ସେ ଅନୁବାଦ କରିବା ସହ 'ମ୍ୟାଜିକ୍ ଶିଡ଼ି'ର ପାଣ୍ଡୁଲିପି ପ୍ରସ୍ତୁତ

Digitized by srujanika@gmail.com

କରି ମୁଦ୍ରଣ ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ । ବହୁ ପ୍ରଚେଷ୍ଟା ସତ୍ତ୍ୱେ ଏହା ୨୦୦୩ରେ ପ୍ରକାଶିତ ହୋଇପାରିଲା ନାହିଁ। ବିଧିର ବିଧାନ ବଡ଼ ବିଚିତ୍ର । କିଶୋରୀଚରଣଙ୍କ ପରଲୋକ ହୋଇଗଲା ୨୦୦୪ ଅଗଷ୍ଟ ୧୭ ତାରିଖରେ । କିଶୋରୀଚରଣଙ୍କ ରହିଗଲା ଦୁଃଖ ଓ ଅବସୋସ । ଗ୍ରନ୍ଥଟି ପ୍ରକାଶିତ ହୋଇପାରିଲା ନାହିଁ।

କିନ୍ତୁ କିଶୋରୀଚରଣଙ୍କ ପ୍ରଥମ ବାର୍ଷିକ ସ୍ମୃତି ଉତ୍ସବରେ 'ମ୍ୟାଜିକ୍ ଶିଡ଼ି' ଆତ୍ମପ୍ରକାଶ କରୁଛି । କିଶୋରୀଚରଣଙ୍କ ହାର୍ଦ୍ଦିକ ଚିନ୍ତାର ସଫଳ ରୂପାୟନ ଘଟିଛି ଏହି ଗ୍ରନ୍ଥରେ । କିଶୋରୀ ଚରଣଙ୍କ ଦେହାନ୍ତର ଏକାଦଶାହ ଦିନ ବିଶ୍ୱଜିତାଙ୍କ ସ୍ୱାମୀ ବିଶିଷ୍ଟ ସ୍ଥପତି ଶୁଭକାନ୍ତ ଦାସ ବିପ୍ରଚରଣ ଭବନରେ କିଶୋରୀ ଚରଣଙ୍କ ଏହି ସ୍ମୃତିଜଡ଼ିତ ଗ୍ରନ୍ଥଟିକୁ ପ୍ରକାଶ କରିବା ପାଇଁ ମୋତେ ଦାୟିତ୍ୱ ଦେଇଥିଲେ – ବିଳମ୍ବରେ ହେଲେ ମଧ ତାହା ଆଜି ସମ୍ଭବ ହୋଇଛି । ଶୁଭକାନ୍ତ ଦାସଙ୍କ ଆନ୍ତରିକ ଇଚ୍ଛା ଓ ଶ୍ରୀମତୀ କୁମାରୀ ଦାସଙ୍କ ସହଯୋଗ ଯୋଗୁ ଏହି ପ୍ରକାଶନ କାର୍ଯ୍ୟ ସହଜ ହୋଇଛି । କିଶୋରୀଚରଣଙ୍କ ଇଚ୍ଛାକ୍ରମେ ସୁସାହିତ୍ୟିକ ସେକ୍ ମତ୍‌ଲୁବ୍ ଅଲି ଏହାର ମୁଖବନ୍ଧ ଲେଖିଛନ୍ତି । ବିଶ୍ୱଜିତାଙ୍କ ''ସ୍ମୃତିଗୁଚ୍ଛ'' ଏହି ଗ୍ରନ୍ଥର ଶେଷ ଭାଗରେ ସଂଯୋଜିତ ହୋଇଛି ।

ଫ୍ରେଣ୍ଡ୍‌ସ୍ ପବ୍ଲିଶର୍ସର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସହଦେବ ପ୍ରଧାନଙ୍କ ଆଗ୍ରହ ଓ ଆନ୍ତରିକତା ପାଇଁ 'ମ୍ୟାଜିକ୍ ଶିଡ଼ି'ର ପ୍ରକାଶନରେ ସମ୍ଭବ ହୋଇଛି ।

ଏହି ଅବସରରେ କୃତଜ୍ଞତା ପ୍ରକାଶ କରିବା ସହିତ ବିଶ୍ୱଜିତା ଓ କିଶୋରୀଚରଣ, ଯେଉଁଠି ଥାଆନ୍ତୁ ନା କାହିଁକି, ଆଦରରେ ତାଙ୍କର ପ୍ରିୟ ଗ୍ରନ୍ଥ 'ମ୍ୟାଜିକ୍ ଶିଡ଼ି'କୁ ଗ୍ରହଣ କରିବେ– ଏହି ବିଶ୍ୱାସ ମୋ'ର ରହିଛି । ଉଭୟଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଅର୍ପଣ କରୁଛି ।

୯, ଅଗଷ୍ଟ ୨୦୦୫

କଟକ

ବିଜୟାନନ୍ଦ ସିଂହ

Digitized by srujanika@gmail.com

କିଛି କଥା

ଶିଶୁ ପିଲାଟିଏ ଅଝଟ ହେଲେ ମା', ଜେଜେମା ନାନା କୌଶଳ ଅବଲମ୍ବନ କରି ତାକୁ ମନାଇ ଦିଅନ୍ତି, କେତେବେଳେ ଦୋଳିରେ ଝୁଲାଇ, ସଙ୍ଗୀତ ଗାଇ, କାହାଣୀ କହି ଅଝଟ ପିଲାକୁ କ୍ଷୀର ପିଆଇବା, ଶୁଆଇବା କାର୍ଯ୍ୟ ସହଜରେ କରିପାରନ୍ତି, ଶିଶୁ ପିଲାଟିଏ ସେ ଗୀତକୁ ନ ବୁଝିଲେ ମଧ୍ୟ ତା'ର ସଙ୍ଗୀତମୟ ଧ୍ୱନିକୁ ଶୁଣେ–ମନରେ ଆଦରି ନିଏ...ଏହି ଧରଣର ଗୀତକୁ ନାନାବାୟା ଗୀତ କହନ୍ତି । ଇଂରାଜୀରେ ଯାହାକୁ Lullaby Songs ବା Nursery Rhymes କୁହାଯାଏ । ଏ ସବୁର ଲେଖକ ବ୍ୟକ୍ତିବିଶେଷ ନୁହଁନ୍ତି–ଏହା ସମଷ୍ଟିଗତ ସୃଷ୍ଟି । ପୃଥିବୀର ବିଭିନ୍ନ ଭାଷାରେ ନିଜସ୍ୱ 'ଲୁଲାବାଇ ସଙ୍ଗ୍‌ସ୍' ରହିଛି । ହେଲେ ସେଗୁଡ଼ିକର ମୌଳିକ ଭିତ୍ତିଭୂମି ପ୍ରାୟ ଏକ, କାରଣ ଏ ଦୁନିଆରେ ମା' ଓ ଶିଶୁଠାରୁ ଅଧିକ ପୁରାତନ କିଏ ? ଏବଂ ମା' ଓ ଶିଶୁର ସ୍ନେହ, ମମତାଠାରୁ ଅଧିକ ନିବିଡ଼ ଓ ଗଭୀର ଆଉ କ'ଣ ଅଛି ? ନିଜ ସନ୍ତାନର ଅଳି ଅଝଟ ବିନାଦ୍ୱିଧାରେ ସେ ସହ୍ୟ କରେ । ପିଲାର ପୂର୍ଣ୍ଣାଙ୍ଗ ବିକାଶ ଓ ନିରାପତ୍ତା ନିମନ୍ତେ ମା' ଯେକୌଣସି ତ୍ୟାଗ ସ୍ୱୀକାର କରିପାରେ । ଶାରୀରିକ ଅଭିବୃଦ୍ଧି କେବଳ ନୁହେଁ– ଶିଶୁର ମାନସିକ ଅଭିବୃଦ୍ଧି ବ୍ୟକ୍ତିତ୍ୱ ଗଠନରେ ମା' ଓ ପରିବାରର ଭୂମିକା ଅତ୍ୟନ୍ତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ । ଅନ୍ୟ ପକ୍ଷରେ ଶିଶୁର ବିଚାରରେ ତା ମା' ହେଉଛି ସବୁଠାରୁ ସ୍ନେହଶୀଳା–ମମତାମୟୀ–ସୌନ୍ଦର୍ଯ୍ୟମୟୀ ଏବଂ ପରିବାର ହେଉଛି ଶିଶୁ ପାଇଁ ସ୍ୱର୍ଗ ତୁଲ୍ୟ–

''ବୈକୁଣ୍ଠ ସମାନ ଅଟେ ଆହା ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।''

'ମେଜିକ୍ ଶିଡ଼ି' ପୁସ୍ତକରେ ସଙ୍କଳିତ ସମସ୍ତ ଗଳ୍ପ ସେହିଭଳି ମମତାମୟୀ ମା'ର ସ୍ନେହଭରା ହୃଦୟର ଶିଶୁ ପାଇଁ ମନଛୁଆଁ କାହାଣୀ । ହୁଏତ ସେଦିନ ନିଜ ଶିଶୁପିଲାକୁ ଲେଖିକା କାହାଣୀ ଶୁଣାଇଥିଲେ, ତାହା ଆଜି ଦୁନିଆର ସବୁ ପିଲାର ମନଛୁଆଁ କାହାଣୀରେ ପରିଣତ ହୋଇଯାଇଛି । ଏହି ପୁସ୍ତକର ସଙ୍କଳିତ ଗଳ୍ପଗୁଡ଼ିକର ଲେଖିକା ହେଉଛନ୍ତି–ମମତାମୟୀ ମା' ବିଶ୍ୱଜିତା ଦାସ । ଉଚ୍ଚଶିକ୍ଷିତା, 'ଷ୍ଟେଟ୍‌ସ୍‌ମ୍ୟାନ୍' ଓ

Digitized by srujanika@gmail.com

ଅନ୍ୟାନ୍ୟ ଖବରକାଗଜର ସ୍ତମ୍ଭକାର ଭାବରେ ଖୁବ୍ ସୁପରିଚିତା, ପ୍ରଖ୍ୟାତ କାର୍ଟୁନିଷ୍ଟ ଶଙ୍କରଙ୍କର ଚିଲ୍‌ଡ୍ରେନ ୱାର୍ଲଡର ସମ୍ପାଦକ ମଣ୍ଡଳୀର ଅନ୍ୟତମ ସଦସ୍ୟା, ଶିଶୁ ପତ୍ରିକା 'ଦି ଟାର୍ଗେଟ'ର ସହକାରୀ ସମ୍ପାଦିକା ଭାବରେ କାର୍ଯ୍ୟ କରୁଥିଲେ । ପିଲାଙ୍କ ପାଇଁ ଅନେକ କାହାଣୀ-କବିତା ଇଂରାଜୀରେ ଲେଖିଛନ୍ତି । ଲେଖିକାଙ୍କର ଗଳ୍ପଗୁଡ଼ିକର ପରିକଳ୍ପନା ଓ ଉପସ୍ଥାପନା ଶୈଳୀ ଅତି ଅପୂର୍ବ । ଗଳ୍ପର ରସବୋଧ (ସେନ୍‌ସ ଅଫ୍ ହ୍ୟୁମର) ଅପରିସୀମ । ପିଲାଙ୍କ ମନକୁ ଛୁଇଁବା ଓ ଅପରିମୀତ ଆନନ୍ଦ ଦେବାର ଶକ୍ତି ଏହି ଗଳ୍ପଗୁଡ଼ିକରେ ଭରି ରହିଛି । ବୌଦ୍ଧଜାତକ କାହାଣୀଠାରୁ ଆରମ୍ଭ କରି, ଇଶପ କାହାଣୀ, ପଞ୍ଚତନ୍ତ୍ର, କଥା ସରିତ ସାଗର ଓ ହିତୋପଦେଶ ଇତ୍ୟାଦି ବିଶ୍ୱର ବିଭିନ୍ନ ଭାଷାରେ ରଚିତ ପ୍ରଖ୍ୟାତ କାହାଣୀଗୁଡ଼ିକ ପଶୁପକ୍ଷୀମାନଙ୍କୁ ଆଧାରକରି ରଚିତ । କାରଣ ଏଗୁଡ଼ିକ ଯେତିକି ବଳିଷ୍ଠ ସେତିକି ପ୍ରଭାବଶାଳୀ ଏବଂ ମନୋରଞ୍ଜନକାରୀ ମଧ୍ୟ । ପଶୁପକ୍ଷୀ ସମ୍ପର୍କୀୟ କାହାଣୀର ମୌଳିକ ଅଭିପ୍ରାୟ ହେଉଛି 'କୌତୁକ ସୃଷ୍ଟି କରିବା'-ଶିଶୁମନକୁ ପ୍ରଚୁର ଆନନ୍ଦ ପ୍ରଦାନ କରିବା । ବିଶ୍ୱଜିତା ଦାସ ତାଙ୍କ 'ମେଜିକ୍ ସିଡ଼ି' ପୁସ୍ତକର କାହାଣୀଗୁଡ଼ିକରେ ସେହି ପ୍ରାଚୀନ ପ୍ରତିଷ୍ଠିତ, ପ୍ରଭାବଶାଳୀ ଶୈଳୀକୁ ଅତି ଚମତ୍କାର ଭାବରେ ଗ୍ରହଣ କରିଛନ୍ତି । ତାଙ୍କ କାହାଣୀଗୁଡ଼ିକରେ ଯେଉଁ ପ୍ରାଣୀମାନଙ୍କୁ ଆଧାର କରି କାହାଣୀ କହିଛନ୍ତି-ସେମାନଙ୍କୁ ପିଲାମାନେ ନିଶ୍ଚୟ ଭଲ ପାଇବେ-ଯିଏ ଶୁଣିବ ସିଏ ଭଲ ପାଇବ । ଠେକୁଆ, ଗୁଣ୍ଡୁଚିମୂଷା, ଗୋଡ଼ି ହରିଣ-କୁଲାକାନିଆ ହାତୀ, ସିଂହରଜା-ବିଲୁଆ ଟୋକା କାହାଣୀ ଶୁଣି ପିଲାମନ ଖୁସି ହୋଇଯିବ । ଶିଶୁ କାହାଣୀକୁ ଭଲ ପାଇବା ଏବଂ ତା' ମନକୁ ଅପୂର୍ବ ଭାବରେ ସ୍ନେହସିକ୍ତ କରିବା ଏହି କାହାଣୀଗୁଡ଼ିକର ସବୁଠାରୁ ବଡ଼ ବୈଶିଷ୍ଟ୍ୟ । ଲେଖିକାଙ୍କର ଚରମ ସଫଳତା ସେଥିରେ ପ୍ରକଟିତ ହୋଇଛି । ପ୍ରକୃତରେ ଦେଶର କେତେଜଣ ଶିଶୁ ସାହିତ୍ୟିକମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ ।

ଅତ୍ୟନ୍ତ ଦୁର୍ଭାଗ୍ୟର କଥା-ମାତ୍ର ୩୭ ବର୍ଷ ବୟସରେ ଏକ ସଡ଼କ ଦୁର୍ଘଟଣାରେ ଆକସ୍ମିକ ଭାବରେ ତାଙ୍କର ଦେହାନ୍ତ ହୋଇଗଲା-ଏକ ପ୍ରଚଣ୍ଡ ପ୍ରତିଭା ଅକାଳରେ ଝଡ଼ିପଡ଼ିଲେ । ତାଙ୍କର ସ୍ୱାମୀ ଶ୍ରୀ ଶୁଭକାନ୍ତ ଦାସ, ଝିଅଗୀତି, ପୁଅଅଭିଷେକ ଏବଂ ପିତା-ମାତା ତଥା ଆତ୍ମୀୟସ୍ୱଜନ ସମସ୍ତଙ୍କୁ ଶୋକାପ୍ଳୁତ କରି ସେଦିନ ସେ ଚାଲିଗଲେ । ସେ ମର୍ମାନ୍ତିକ ଦୁଃଖ ଅବର୍ଣ୍ଣନୀୟ... ।

ତାଙ୍କର ଅବର୍ତ୍ତମାନରେ ତାଙ୍କର ପିତା ପ୍ରଖ୍ୟାତ ସାହିତ୍ୟିକ ସ୍ୱର୍ଗତ କିଶୋରୀ ଚରଣ ଦାସ ତାଙ୍କ ଝିଅର ପଚାଶ ବର୍ଷ ପୂର୍ତ୍ତିରେ (ସୁବର୍ଣ୍ଣ ଜୟନ୍ତୀ ପାଇଁ) ଏଗାରଟି ଗଳ୍ପକୁ ନିଜେ ଓଡ଼ିଆରେ ଅନୁବାଦ କରି ଏ ସଙ୍କଳନଟି ପ୍ରସ୍ତୁତ କରିଥିଲେ-ହେଲେ ତା' ପ୍ରକାଶନ ମଧ୍ୟ ସେ ଦେଖି ପାରିଲେ ନାହିଁ । କିଶୋରୀ ବାବୁଙ୍କର ପ୍ରଗାଢ଼ ଉଦ୍ୟମ ହେତୁ 'ବିଶ୍ୱଜିତା ସ୍ମୃତି ପୁରସ୍କାର' ଓଡ଼ିଶା ସରକାରଙ୍କର ଶିଶୁଲେଖା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ଶ୍ରେଷ୍ଠ ଶିଶୁ ସାହିତ୍ୟିକଙ୍କୁ ଏହା ପ୍ରଦାନ କରାଯାଏ । ସରକାରଙ୍କ ତରଫରୁ ଆୟୋଜିତ ପ୍ରଥମ ପୁରସ୍କାର ପ୍ରଦାନ ଉତ୍ସବରେ ମୁଁ ମୁଖ୍ୟ ଅତିଥି ଭାବରେ ଯୋଗ

Digitized by srujanika@gmail.com

ଦେଇଥିଲି-କିଶୋରୀବାବୁ ନିଜେ ଉପସ୍ଥିତ ଥିଲେ । ବିଗତ ୯ ବର୍ଷ ହେବ ବିଶ୍ୱଜିତା ସ୍ମୃତି ପୁରସ୍କାର ସରକାରୀ ସ୍ତରରେ ଦିଆଯାଉନାହିଁ । ହେଲେ ୨୦୦୪·ବର୍ଷରୁ ନିୟମିତ ଭାବରେ ଦିଆଯିବ ବୋଲି ଓଡ଼ିଶା ସରକାର ଜଣାଇଛନ୍ତି !! ଏହି କାହାଣୀ ସଙ୍କଳନଟିର ମୁଖବନ୍ଧ ମୁଁ ଲେଖିବି ବୋଲି ସେ ନିଜେ ମତେ ଅନୁରୋଧ କରିଥିଲେ । ସେ ବି ଆଜି ଆଉ ନାହାନ୍ତି-ତାଙ୍କର ଅନୁପସ୍ଥିତିରେ ମୁଁ ଆଜି ସେ ପୁସ୍ତକର ମୁଖବନ୍ଧ ଲେଖୁଛି ।

କିଶୋରୀବାବୁ ମୋ'ର ଅଗ୍ରଜପ୍ରତିମ ଥିଲେ । ତାଙ୍କର ପିତା ସ୍ୱନାମଧନ୍ୟ ବିଚାରପତି ବିପ୍ରଚରଣ ଦାସ ଆମ ଗାଁ ଲୋକ-ତାଙ୍କର ଶ୍ରଦ୍ଧା ଓ ଶୁଭେଚ୍ଛା ମୁଁ ଲାଭ କରିଥିଲି । ପ୍ରକୃତରେ ଆମେ ଗୋଟିଏ ଗାଁର ଲୋକ । ଶୁକ୍ଳେଶ୍ୱର-ଧାରୁଅ, ଦୁଇଟି ନାଁ-ହେଲେ ସମ୍ପର୍କ, ଆତ୍ମୀୟତା ଓ ଭାବରେ ଗୋଟିଏ ଗାଁ । ଉତ୍କଳର ଗଜପତି ରାଜତ୍ୱ ସମୟରେ ଏକ ପ୍ରତିଷ୍ଠିତ ଗାଁ କଟକ ଜିଲ୍ଲାର ଶୁକ୍ଳେଶ୍ୱର । ଗଜପତି ଶାସନର ଏକ ବଳିଷ୍ଠ ଦୁର୍ଗ ଭାବରେ ଏହା କାର୍ଯ୍ୟ କରୁଥିଲା । ଏହି ଗାଁର ପ୍ରତିଷ୍ଠିତ ଦେବୀ ଭଗବତୀ ଓ ତାଙ୍କର ବିଶାଳ ପ୍ରାଚୀନ ସ୍ଥାପତ୍ୟବିମଣ୍ଡିତ ମନ୍ଦିର ଏବଂ ତା'ର ପାରିପାର୍ଶ୍ୱିକ ଐତିହାସିକ ବିଭବକୁ ଦେଖିଲେ ଏବଂ ଏ ସ୍ଥାନର ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ଓ ଇତିହାସକୁ ଅନୁଧ୍ୟାନ କଲେ ଏହି ଶକ୍ତିପୀଠର ମହିମା ଓ ଗ୍ରାମର ଗୁରୁତ୍ୱ ଉପଲବ୍ଧ କରିହେବ । ଗୋଟିଏ ଶତାବ୍ଦୀଧରି ପରାଧୀନ ଭାରତରେ ଏବଂ ସ୍ୱାଧୀନତା ପରେ ଏହି ଗାଁର ପ୍ରଜ୍ଞାବିତ୍‌ମାନେ ସାହିତ୍ୟ, ସଂସ୍କୃତି, ପ୍ରଶାସନ କ୍ଷେତ୍ରରେ ରାଜ୍ୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ରାୟବାହାଦୁର ରାଧାଚରଣ, ବିଚାରପତି ବିପ୍ରଚରଣ, ଆଇନଜୀବୀ ଶ୍ୟାମାଚରଣ, ପ୍ରଜ୍ଞାବିତ୍ ପ୍ରଫେସର ବାମାଚରଣ, ପ୍ରଶାସକ ତଥା କଥାକାର କିଶୋରୀଚରଣ, ପରିବେଶବିତ୍ ଡକ୍ଟର ରେବତୀଚରଣ, ଶିକ୍ଷାବିତ୍ ଡକ୍ଟର ଫଣୀ ଭୂଷଣ ଓ ଅନ୍ୟମାନେ ଓଡ଼ିଶାର ସୁପ୍ରତିଷ୍ଠିତ, ଖ୍ୟାତନାମା ମନୀଷୀ ଏବଂ ଏହି ଗାଁର କନ୍ୟା ପ୍ରଖ୍ୟାତ ସୁଲେଖିକା ବିଶ୍ୱଜିତା କିଶୋରୀବାବୁଙ୍କର କନ୍ୟା-ଏହି ସମ୍ଭ୍ରାନ୍ତ ପରିବାରର ଦାୟାଦ ।

ଶିଶୁ ସାହିତ୍ୟିକା ବିଶ୍ୱଜିତା ଦାସଙ୍କର ଲିଖିତ ଏହି କାହାଣୀଗୁଡ଼ିକ ପିଲାମାନଙ୍କୁ ଅଫୁରନ୍ତ ଆନନ୍ଦ ଦେବ, ତାଙ୍କର କାହାଣୀ ଆମ ଶିଶୁ ସାହିତ୍ୟରେ କାଳକାଳକୁ ଅମୂଲ୍ୟ ରତ୍ନ ହୋଇ ରହିବ ।

ଈଶ୍ୱରଙ୍କର କୃପାରୁ ବିଶ୍ୱଜିତାଙ୍କ ଆତ୍ମା ଶାନ୍ତିରେ ରହୁ... ।

ରାହାସ ପୂର୍ଣ୍ଣିମା
ତା୨୬।୧୧।୨୦୦୪
ଧାରୁଅ-ଶୁକ୍ଳେଶ୍ୱର, ମାହାଙ୍ଗା, କଟକ,
ଓଡ଼ିଶା

ସେକ୍ ମତଲୁବ୍ ଅଲି

Digitized by srujanika@gmail.com

ସୂଚି

ମେଜିକ୍ ଶିଡ଼ି ୧

ହାତୀଭାଇର କୁଲାକାନ ୬

କୁକୁଡ଼ା ସୁଆଙ୍ଗ ୧୦

ସେଇ ବୁଢ଼ା ଜଣକ ୧୮

ଗୋଲାପୀ ସୁନ୍ଦରୀ ୨୧

ଦୁଃଖୀ ଟାଉନ୍‌ବସ୍ ୨୬

ଖାଲି ମାଠିଆ, ଭରା ଟୋକେଇ ୩୧

ଟିକି ହରିଣର ଶିଙ୍ଗ ୩୭

ଗୋଟିଏ ଝଡ଼ ରାତିର କାହାଣୀ ୪୨

କୁନି ମେଘ ୪୬

ଟିକେ ଓଦାଓଦା, ଟିକେ ଟିକିଟିକି ୫୧

Digitized by srujanika@gmail.com

Digitized by srujanika@gmail.com

ମେଜିକ୍ ଶିଡ଼ି

ଜହ୍ନମାମୁ ହସିଲା ଯେ, ତା’ ହସଟି ଧୀରେ ଧୀରେ ଖସିଆସିଲା ପୃଥିବୀକୁ । ଆସି ପହଞ୍ଚିଲା ବନସ୍ତର ଗୋଟିଏ ଖୋଲା ଜାଗାରେ, ଯେଉଁଠି ଖାଲି ସାନ ସାନ ପ୍ରାଣୀମାନେ ଥାଆନ୍ତି–ଚଢ଼େଇ, ଗୁଣ୍ଡୁଚିମୂଷା, ଠେକୁଆ ଓ ହରିଣ ।

ସେମାନେ ଦେଖିଲେ ହସର ଶିଡ଼ି ଖଣ୍ଡକ ଖସିଆସୁଛି କେମିତି, ଆଉ ତାକୁ କାବା ହୋଇ ଅନେଇ ରହିଲେ । ଏତେ ହାଲୁକା ହୋଇ ଆସି ପହୁଞ୍ଚିଲା ଯେ ଖୁସ୍‌କିନି ଶବଦ୍‌ଟିକେ ବି ହେଲା ନାହିଁ । ସତେକି ଉଜ୍ଜ୍ୱଳ ପାତଳ ପଣତଟିଏ । ନାଲି-ନାକା ଠେକୁଆ ହାତ ବଢ଼େଇଲା ତାକୁ ଛୁଇଁବ ବୋଲି, ହେଲେ ତା’ ହାତକୁ କିଛି ବୋଲି କିଛି ଲାଗିଲା ନାହିଁ । କ’ଣ ମ ଏଇଠି ଅଛି, ଏଇଠି ନାହିଁ !

ପ୍ରାଣୀମାନେ ଡରିଡରି ଘେରିଗଲେ ତାକୁ । କ’ଣ କରିବେ ବୁଝିପାରିଲେ ନାହିଁ । ଟିକି ଚଢ଼େଇଟିଏ ତା’ ଚାରିପାଖରେ ଉଡ଼ି ବୁଲିଲା । ଆଉ ଚୁଇଁ ଚୁଇଁ ହେଲା–

‘‘ଶିଡ଼ି ଗୋ ଶିଡ଼ି
ମେଜିକ୍ ଶିଡ଼ି...’’

ପାଳି ଧରିଲା ପରି ଯେତେକ ପ୍ରାଣୀ ନାଚିଲେ ତା’ ଚାରିପାଖରେ ଓ ଗୀତ ବୋଲିଲେ–

‘‘ଶିଡ଼ି ଗୋ ଶିଡ଼ି
ମେଜିକ୍ ଶିଡ଼ି...’’

କିନ୍ତୁ ଯେମିତି ହଠାତ୍ ଆରମ୍ଭ କରିଥିଲେ, ସେମିତି ରହିଗଲେ ଥପ୍‌କିନା ।

‘ଚୁ-ଉ-ପ୍ !’ ହରିଣୀ କହିଲା ଫୁସ୍‌ଫୁସ୍ ହୋଇ । ତା’ ବଡ଼ ବଡ଼ ଆଖିକୁ ମେଲେଇ । ଗଛର ପତରମାନ ତୁନି ହୋଇଗଲେ ।

Digitized by srujanika@gmail.com

'ଚୁ-ଉ-ପ୍ !' ଠେକୁଆ କହିଲା ଗୁଣୁଗୁଣୁ ହୋଇ । ଟିକିଟିକି ଧୋବ ଦେହଟା କୁଞ୍ଚେଇ ନେଇ ପବନ ବି ଢୁନି ପଡ଼ିଲା ।

ସେଇଠୁଁ, ସବୁକିଛି ଥିର ହୋଇଗଲା ପରେ ତାଙ୍କ ଭିତରେ ସବୁଠୁଁ ସାନ ଗୁଣ୍ଡୁଚିମୂଷା ଦି'ଜଣ ଗଲେ ସେଇ ଶିଢ଼ି ପାଖକୁ ପାଦ ଚିପିଚିପି । ଆରେ, ଯାଇଛନ୍ତି କି ନାହିଁ, ପତର ଫଡ଼ଫଡ଼ ହେଲା, ପବନ ଶୁଷୁରି ବଜେଇଲା । ଆଉ ଗୁଣ୍ଡୁଚିମାନେ ନାଚିଲେ ତା' ସାଙ୍ଗକୁ, ଟିକିଟିକି ଫଁଝାକୁ ମିଳେଇ । ଲାଞ୍ଜ ଦି'ଟାକୁ ହଲେଇ ହଲେଇ, ଉଚ୍ଛନ୍ନ ହୋଇ । ନାଚିଲେ ଯେ ନାଚିଲେ ଯେ...ନାଚିଲେ–ନାଚୁ ନାଚୁ ଭୂଇଁରୁ ଉଠିଗଲେ ଉପରକୁ, ଆହୁରି ଉପରକୁ ।

Digitized by srujanika@gmail.com

ଅନ୍ୟ ପ୍ରାଣୀଙ୍କ ଆଖି ଖୋଲି ହୋଇଗଲା । ସେମାନେ ଘୁଞ୍ଚି ଆସିଲେ ତା' ପାଖକୁ, କିନ୍ତୁ ସେଥିରେ ପାଦ ଦେଲେ ନାହିଁ ।

ନାଲି-ନାକା ଠେକୁଆ, ଯେ ତାକୁ ପୂର୍ବରୁ ଛୁଇଁବାକୁ ବସିଥିଲା, କହିଲା–''ଏହା ପାଗଳାମି ଛଡ଼ା କିଛି ନୁହେଁ । ଚାନ୍ଦର ଶିଡ଼ିରେ କେହି ଚଢ଼େ ? ସେ ତ ଏଇ ଅଛି, ପୁଣି ଏଇ ନାହିଁ, ମୁଁ ଠିକ୍ ଠିକ୍ ଜାଣିଛି । ପରଖିଛି ।''

କିନ୍ତୁ ଲମ୍ବାଗୋଡ଼ୀ ହରିଣୀ ଡରିଯାଇଥିଲା । କହିଲା–''ନା ନା, ତମେ ଚାନ୍ଦର ଶିଡ଼ିକୁ ପରଖିବା କଥା ମୁହଁରେ ଧରନାହିଁ । ତମେ ତାକୁ ପରଖି ପାରିବ ନାହିଁ । କାରଣ ତାକୁ ଛୁଇଁଲାମାତ୍ରେ ସେ ଉଭେଇଯିବ । ଖାଲି ତାକୁ ବିଶ୍ୱାସ କର । ତମ ବିଶ୍ୱାସ ଯେତେ ଦୃଢ଼ ହେବ, ସେ ତମକୁ ସେତେ ଉପରକୁ ନେଇଯିବ । ଦେଖ ଦେଖ, ଗୁଣ୍ଡୁଚି ଦି'ଟା କେତେ ଉପରକୁ ଉଠିଗଲେଣି ।''

ଯେତେକ ପ୍ରାଣୀ ଅନେଇଲେ ସେଆଡ଼କୁ । ଦେଖିଲେ ଗୁଣ୍ଡୁଚି ଦି'ଟା ଆକାଶରେ ଯାଇ ହେଲେଣି । କାହିଁ କେତେ ଉଚ୍ଚରେ । ସେମାନେ ତଥାପି ନାଚୁଛନ୍ତି, ହେଲେ ଆହୁରି ଛୋଟିଆ ହୋଇ



Digitized by srujanika@gmail.com

ଯାଇଛନ୍ତି । ତାଙ୍କ ମାଟିଆ ରୁମତକ ରୁପେଲି ଦିଶୁଛି । ଶେତା ରୁପେଲି । ଆଉ ସେମାନେ ସତ ପରି ଲାଗୁନାହାନ୍ତି । ଯେମିତିକି ସେମାନେ ସେଇ ଶିଡ଼ିର ଚେନାଏ । ଆଉ ଶିଡ଼ି ବି ତାଙ୍କ ଦେହର ଗୋଟାଏ ଅଂଶ ।

ପ୍ରାଣୀମାନେ ଅନେଇ ରହିଲେ । କାହାରି ପାଟିରୁ କଥା ବାହାରିଲା ନାହିଁ । କିନ୍ତୁ ସମସ୍ତେ ସେଇ ଏକା କଥା ଭାବୁଥିଲେ, ''କ'ଣ ହେବ ଶିଡ଼ିଟା ଉଭେଇ ଗଲେ ? ଗୁଣ୍ଡୁଚିଙ୍କ ଦଶା କଅଣ ହେବ ଭୂଇଁରେ ପାଦ ଲାଗିଲେ ?''

ଗୁଣ୍ଡୁଚିମାନେ ବୋଧହୁଏ ତାଙ୍କ ଭାବନାକୁ ଜାଣି ପାରିଲେ । କାହିଁକିନା ହଠାତ୍ ତାଙ୍କ ନାଚ ବନ୍ଦ୍ ହୋଇଗଲା । ସେମାନେ ତଳକୁ ଅନେଇଲେ ଓ ଦେଖିଲେ ଯେ ପ୍ରାଣୀମାନେ ଉପରକୁ ଅନେଇଛନ୍ତି ତାଙ୍କରି ଆଡ଼କୁ । ସେମାନେ ଗଛମାନଙ୍କୁ ଦେଖିଲେ, ଶିଡ଼ିକୁ ଦେଖିଲେ । ସେଇଠୁଁ ସେମାନେ ଚଟ୍‌କିନି ପଶିଗଲେ ତାଙ୍କ ଘରକୁ, ଗଛରେ ଥିବା କୋରଡ଼ ଭିତରକୁ । ଶିଡ଼ି ଖଣ୍ଡକ ବି ଧାଇଁଗଲା ତାଙ୍କ ପଛେ ପଛେ ।

Digitized by srujanika@gmail.com

ଯେତେବେଳେ ରାତି ପାହି ଦିନ ହେଲା ଆଉ ଶିଡ଼ି ଉଭାନ୍ ହୋଇଗଲା, ସେଥିରୁ ଅଳ୍ପଟିକିଏ ରହିଗଲା ପଛକୁ, ସବୁଠୁଁ ଛୋଟିଆ ଗୁଣ୍ଡୁଚିଙ୍କ ଠେଇଁ । ତାଙ୍କ ଭିତରେ, ଆଉ ବାହାରେ ବି, ଗୁଡ଼େଇ ହୋଇ । ମୋଟେ ଛାଡ଼ିଲା ନାହିଁ ତାଙ୍କୁ । ସେଇଲାଗି ତାଙ୍କ ପାଦ ଭୂଇଁରେ ଲାଗିଲେ ବି ଲାଗିନାହିଁ ବୋଲି ମନେହୁଏ ! ଏବେ ମଧ୍ୟ ।

ମୂଳ ଇଂରାଜୀ ରଚନା "The Moon Beamed"– ବିଶ୍ୱଜିତା ଦାସ । ଫେବୃଆରୀ ୧୯୭୮ ସଂଖ୍ୟା "Children's World" ପତ୍ରିକାରେ ପ୍ରକାଶିତ । ଏବଂ ପରେ ଦିଲ୍ଲୀର "Ratna Sagar Pvt. Ltd" ଙ୍କ ଦ୍ୱାରା ପ୍ରକାଶିତ "The Moon Beamed : Stories and Poems, Viswajita Das" ନାମକ ପୁସ୍ତକରେ ସଂଗୃହୀତ ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ । ଓଡ଼ିଶା ସରକାରଙ୍କ ''ଶିଶୁ ସାହିତ୍ୟ ସମିତି''ଙ୍କ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା ''ଶିଶୁଲେଖା''ର ମାର୍ଚ୍ଚ ୧୯୯୩ ସଂଖ୍ୟାରେ ସ୍ଥାନିତ ।

Digitized by srujanika@gmail.com

ହାତୀଭାଇର କୁଳାକାନ



ଶିଶାମଣି ଠେକୁଆ ଟୋକା ସାଙ୍ଗରେ ଲୁଚିକରି ପଳେଇଛି କୁଆଡ଼େ । ତାଙ୍କ ପଡ଼ିଶାରେ ଥିବା ସେଇ ଯୋଉ ବଜାରି ଟୋକା ମ ! ସେ ଖବର ହାତୀ ଭାଇକୁ ମାଲୁମ୍, ଆଉ କେହି ଜାଣିବା ଆଗରୁ ।

ହାତୀଭାଇ ଜାଣିଛି ହରିଣୀ କାହିଁକି ତୁଚ୍ଛାକୁ ଚମକି ଉଠେ । ଆଉ କିମ୍ଭୀରିଣୀ କାହିଁକି ଆଖିରୁ ଲୁହ ଗଡ଼ାଏ । କହିବାକୁ ଗଲେ ସଂସାରରେ ଯାହା କିଛି ଘଟେ, ତା'ର ବାସ୍ନା ପହଞ୍ଚିଯାଏ ତା' ପାଖରେ, ତା'ର ଯେତେକ ସତମିଛକୁ ନେଇ । ଅନେକ ସମୟରେ ସେ ଆଗତଭବିଷ୍ୟ କଥା ବି କହିଦେଇପାରେ ।

ସେ ଲୁଚିଛପି ବୁଲୁଥାଏ ପଶୁ ରାଇଜରେ ଓ ପ୍ରାୟ ପ୍ରତ୍ୟେକର ଚାଲିଚଳଣ କଥାବାର୍ତ୍ତାକୁ ଲକ୍ଷ୍ୟ କରୁଥାଏ । ଅନ୍ୟମାନଙ୍କ କାରବାରରେ ମୁଣ୍ଡ ପୂରେଇବା ଏମିତି ଅଭ୍ୟାସ ତା'ର ଯେ ସେ ଅନ୍ୟର ଧନ୍ଦାକୁ ନିଜ ଧନ୍ଦା ବୋଲି ଭାବେ ବୋଲି କହିଲେ ଭୁଲ୍ ହେବ ନାହିଁ । ସତେକି ଏଭଳି ଗୋଇନ୍ଦାଗିରି ଏକ ମସ୍ତବଡ଼ କଳା, ଯାହାକୁ ସେ ହାସଲ କରିପାରିଛି ।

ବଡ଼େଇ କରି କହିବ, ''ଏମିତି କିଛି ଘଟଣା ନାହିଁ, ଯାହା ଜଣା ନାହିଁ ମୋତେ । କେହି କୌଣସି କଥା ଲୁଚେଇ ପାରିବ ନାହିଁ ମୋଠୁଁ ।'' ଏବଂ ସେଇ ବାହାଦୁରି ମଧ ଯଥେଷ୍ଟ ହେଲା ନାହିଁ ତା' ପାଇଁ । ସେ ଅନ୍ୟମାନଙ୍କ ସଂସାରରେ ଦଖଲ ଦେବାକୁ ଲାଗିଲା । ଉପରେପଡ଼ି ପଶୁମାନଙ୍କୁ ବୁଦ୍ଧି ଦେଲା, ଗାଳିମନ୍ଦ କଲା, ଧମକାଣ ଦେବାକୁ ମଧ ପଛେଇଲା ନାହିଁ, ଯେ ଏମିତି କର, କାରଣ ମୁଁ ଭାବୁଛି ଯେ ଏଇଥିରେ ତୁମର ମଙ୍ଗଳ । ସେଇଠୁଁ ସେମାନଙ୍କଠାରୁ ଫିସ୍ ଆଦାୟ କଲା, ତା' ପରାମର୍ଶର ମୂଲ୍ୟ ହିସାବରେ !

ସେମାନେ ତାକୁ ଡରି ଡରି କହିଲେ । ପରସ୍ପର ଆଗରେ ଦୁଃଖକରି କହିଲେ, ''ଆମ ସଂସାରରେ ଦଖଲ ଦେବା ଛଡ଼ା, ତା' ଫିସ୍ ବି ଏତେ ଚଢ଼ା !'' କିନ୍ତୁ ତା'ର କୁକର୍ମକୁ କେମିତି ବନ୍ଦ୍ କରି ହେବ

Digitized by srujanika@gmail.com

କେହି ଭାବି ପାରିଲେ ନାହିଁ । ହାତୀଭାଇକୁ ଜଣା ଥିଲା ଯେ ସେମାନେ ପାରିବେ ନାହିଁ, ତେଣୁ ସେ ଆହୁରି ଆହୁରି ବେପରୁଆ ହୋଇଉଠିଲା ।

କିନ୍ତୁ ଅବସ୍ଥା ମାରାତ୍ମକ ହେଲା, ଯେତେବେଳେ ହାତୀଭାଇ ଦିନେ ଶିଆଳବାବୁଙ୍କୁ ବି ଧମକେଇବାକୁ ବସିଲା । ଶିଆଳବାବୁ କୁକୁଡ଼ା-ଖାଦ୍ୟ ବିଭାଗର ମନ୍ତ୍ରୀ ଥିଲେ । କୁକୁଡ଼ାମାନେ କେମିତି ଭଲଭାବରେ ଖିଆପିଆ କରି ରହିବେ, ତା'ର ବ୍ୟବସ୍ଥା କରିବା ଥିଲା ଶିଆଳବାବୁଙ୍କ କାମ । କୁକୁଡ଼ାମାନେ ମଧ୍ୟ ବେଶ୍ ସୁସ୍ଥସବଳ ଦେଖାଯାଉଥିଲେ, ସେ ମନ୍ତ୍ରୀ ଥିଲାବେଳେ । କିନ୍ତୁ କିଏ ଜାଣିଥିଲା ଯେ ଏଇ କାମ ଯୋଗୁଁ ସେ ନିଜେ ବି ମୋଟେଇ ଯାଇଥିଲେ ? ସକାଳେ ଅଣ୍ଡା, ଦି'ପହରକୁ କୁକୁଡ଼ା ତରକାରି, ରାତିରେ ଅଣ୍ଡା, ଏବଂ ମଝିରେ ଯେତେବେଳେ ମନ ହେଲା ଅଣ୍ଡା, ଏଇ ହେଲା ବାବୁଙ୍କ ଆହାର । ହାତୀଭାଇ କୌଣସିମତେ ତା'ର ସୁରାକ ପାଇଲା । ସେ ଜାଣିଗଲା ଯେ ରାଜାଙ୍କୁ କହିଲେ ସେ ନିଶ୍ଚୟ ତାକୁ କାମରୁ ତଡ଼ିଦେବେ । ତେଣୁ ହାତୀଭାଇ ବର୍ତ୍ତମାନ ଶିଆଳବାବୁଙ୍କୁ ଧମକେଇବାକୁ ଚେଷ୍ଟା କଲା । କିନ୍ତୁ ଶିଆଳବାବୁ ହଟିଯିବା ଲୋକ ନୁହେଁ । ସେ ପାଲଟା ଧମକାଣ ଦେଲା ତାକୁ ଯେ ମୁଁ ତୋ'ର କୁକର୍ମ ପଦାରେ ପକାଇ ଦେବି, ସେଇଁଠୁ ଦେଖିବୁ ତୋ'ର ଦଶା କ'ଣ ହେବ ।

ପଶୁମାନଙ୍କ ଭାଗ୍ୟବିଧାତା, ଯେ ସବୁକିଛି ଦେଖନ୍ତି ଜାଣନ୍ତି, ଭୀଷଣ ବିରକ୍ତ ହୋଇ ଉଠିଲେ ଏମାନଙ୍କର ଏହି ଅସଭ୍ୟ କାରବାର ଦେଖି । ଭାବିଲେ ଯେ ଶିଆଳବାବୁଟା ଦୁଷ୍ଟ, ଏଥିରେ ସନ୍ଦେହ ନାହିଁ, କିନ୍ତୁ ତା'ର ଦୁଷ୍ଟାମି ଛଡ଼େଇ ଦେଇ ହେବ । କିନ୍ତୁ ଏଇ ହାତୀଟାର ସ୍ୱଭାବ ବଦଳେଇ ହେବନାହିଁ ସହଜେ । ଏବଂ ସେ ପ୍ରକୃତରେ ବହୁତ ହୀନସ୍ତା କଲାଣି ପ୍ରାଣୀମାନଙ୍କୁ । ସେହେତୁ ହାତୀ-ଶିଆଳଙ୍କ ବାକ୍‌ବିତଣ୍ଡା ଚାଲିଥିବା ବେଳେ ଗୋଟାଏ ଆକାଶବାଣୀ ଶୁଣାଗଲା ଉପରୁ-''ରେ ହାତୀ ! ତୁ ତୋ' ଆଖପାଖର ଜନ୍ତୁମାନଙ୍କୁ ଅନେକ ଦୁଃଖ ଦେଲୁଣି । ତୁ ସଦାବେଳେ ଦଖଲ ଦେଉଛୁ ତାଙ୍କ ସଂସାରରେ । ଏଣିକି ତୁ ଯେତେବେଳେ ଗୋଇନ୍ଦାଗିରି କରିବୁ ତାଙ୍କ ଉପରେ, ତୋ' ନାକ ବଢ଼ିଯିବ ଟିକିଏ । କାନ ବି ବଢ଼ିଯିବ ସେମିତି । ସେଇଠୁଁ ତୋତେ ଯିଏ ଦେଖିବ, ଜାଣିନେବ ତୁ କେମିତିକା ଜନ୍ତୁ, ତୋ'ର କିଭଳି ଅଭ୍ୟାସ । ତା' ସାଙ୍ଗକୁ ତୋ' ଦେହଟା ବି ଆହୁରି ଆହୁରି ବଢ଼ିବ ଓ ଭାରୀ ହୋଇଯିବ । ଶେଷକୁ ଭୂଇଁ ବି ଥରିଉଠିବ ତୁ ତା' ଉପରେ ଚାଲିଲା ବେଳେ । ଫଳରେ ତୁ ଲୁଚି ଲୁଚି ଯାଇପାରିବୁନି ଆଉ କାହା ପାଖକୁ । ହଁ, ଯଦି ତୁ ତୋ'ର ସ୍ୱଭାବ ବଦଳେଇ ଦେଉ, ସେକଥା ଭିନ୍ନ । ମନେରଖ ! ମୁଁ ତୋତେ ସାବଧାନ କରି ଦେଲି !''

Digitized by srujanika@gmail.com

ମୁହୂର୍ତ୍ତକ ପାଇଁ ହାତୀଭାଇ ଓ ଶିଆଳବାବୁ ମୁହଁ ଚୁହାଁଚୁହିଁ ହେଲେ । କାହାରି ପାଟିରୁ କଥା ବାହାରିଲା ନାହିଁ । ତା'ପରେ ହାତୀଭାଇ ଠୋ' ଠୋ' ହୋଇ ହସିଉଠିଲା । ''ମୁଁ ଏଡ଼ିକି ସାନ ପ୍ରାଣୀଟିଏ, ଆଉ ମୁଁ ଚାଲିଲେ କୁଆଡ଼େ ଧରଣୀ କମ୍ପି ଉଠିବ !'' ଏଇଆ କହି ସେ ହସିବାକୁ ଲାଗିଲା । ଭାବିଲା ଯେ ଇଏ ଗୋଟାଏ ଭାରି ମଜାକଥା ।

ହେଲେ, ହାତୀଭାଇ ଧୀରେ ଧୀରେ ବୁଝିଲା ଯେ ଇଏ ମଜା କଥା ନୁହେଁ । କାରଣ ପ୍ରତିଥର କାହା ଉପରେ ଗୋଇନ୍ଦାଗିରି କଲାବେଳେ ତା' କାନ ଟିକିଏ ବଢ଼ିଗଲା, ନାକ ଟିକିଏ ଲମ୍ବା ହୋଇଗଲା ।

Digitized by srujanika@gmail.com

ଆଉ ତା' ଦେହ ବି ଟିକିଏ ମୋଟେଇ ଗଲା । ସେ ବହୁତ ଚେଷ୍ଟା କଲା ନିଜକୁ ଆଡ଼େଇ ରଖିବ ଅନ୍ୟମାନଙ୍କ ସଂସାରରୁ, କିନ୍ତୁ ପାରିଲା ନାହିଁ । ପ୍ରକୃତି କ'ଣ ସହଜେ ଛାଡ଼େ ?

ଅବଶ୍ୟ ତା'ର ସ୍ୱଭାବ ବଦଳିଗଲା ଅନେକ ଦିନ ପରେ । କିନ୍ତୁ ସେତେବେଳକୁ ତା' ଚେହେରା ଏମିତି ବଦଳିଗଲାଣି ଯେ ତାକୁ ଆଉ ଚିହ୍ନି ହେଲା ନାହିଁ । କାନ ଦି'ଟା କୁଲା ପରି ହେଲାଣି, ନାକଟା କେତେ ଲମ୍ବା ହୋଇଗଲାଣି ଓ ଗୋଟିଏ ବିରାଟ ବପୁ ।

ଆଜି ସେହି ଭାବରେ ଦେଖୁନାହଁ କି ହାତୀଭାଇକୁ ?

ମୂଳ ଇଂରାଜୀ ରଚନା "The Elephant's Big Ears" – ବିଶ୍ୱଜିତା ଦାସ । ଶଙ୍କରଙ୍କ "Children's World" ପତ୍ରିକା ଏପ୍ରିଲ ୧୯୭୭ ସଂଖ୍ୟାରେ ପ୍ରକାଶିତ । ପରେ ଦିଲ୍ଲୀର "Ratna Sagar Pvt Ltd"ଙ୍କ ଦ୍ୱାରା ପ୍ରକାଶିତ "The Moon Beamed : Stories and Poems, Viswajita Das" ନାମକ ପୁସ୍ତକରେ ସଂଗୃହୀତ ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ ''ସମାଜ'' ୧୪.୪.୯୧ ରବିବାର ସଂଖ୍ୟାରେ 'ଶିଶୁ ରାଇଜ' ପୃଷ୍ଠାରେ ପ୍ରକାଶିତ ।



Digitized by srujanika@gmail.com

କୁକୁଡ଼ା ସୁଆଙ୍ଗ

ପଦ୍ମିନୀ ମାଉସୀ ରୋଷ୍ଟ୍ ଚିକେନ୍ ରାନ୍ଧିଥିଲେ ସେଦିନ । ସେ ତାକୁ ଗୋଟାଏ ବଡ଼ ଥାଳିଆରେ ସଜେଇ ଆଣିଲେ ଡାଇନିଙ୍ଗ୍ ଟେବୁଲ ଉପରକୁ । ଚିକେନ୍ ମଝିରେ ଥିଲା ଓ ତା' ଚାରିପାଖରେ ସିଝାମଟର, ଖଣ୍ଡି ଖଣ୍ଡି ଆଳୁ ଭଜା ଓ ଗୋଲ୍ ଗୋଲ୍ ହୋଇ କଟା ହୋଇଥିବା ଟମାଟୋ । କେଉଁ ରନ୍ଧନ ଶିକ୍ଷା ବହିରେ ଥିବା ଗୋଟିଏ ରଙ୍ଗିନ୍ ଛବି ସାକାର ହୋଇ ଉଠିଛି ବୋଲି ମନେ ହେଉଥିଲା । ଚିକେନ୍ ଟେବୁଲ୍‌କୁ ଆସିବା ମାତ୍ରେ ଗୋଟାଏ ବିଚିତ୍ର ଗଣ୍ଡଗୋଳ ସୃଷ୍ଟି ହେଲା ମୋ' ଦେହ ଭିତରେ, ସେକଥା ଭିନ୍ନ ।

ମୋତେ ଲାଗିଲା ହାବୁକାଏ ଅସହ୍ୟ ହେମାଳ ପବନ ସୁ'କିନି ଉଠି ଆସୁଛି ମୋ' ଦେହର ତଳୁ ଉପରକୁ, ଗୋଟାଏ ସୁପରଫାଷ୍ଟ ଲିଫ୍ଟ ବେଗରେ, ଯେଉଁଥିରେ ମୋ'ର ପଞ୍ଜରା ହାଡ଼ ଥରିଉଠୁଛି । ହାତଗୋଡ଼ ଚିନ୍ ଚିନ୍ ମାରୁଛି, ଆଉ ରୋମ ଟାଙ୍କୁରି ଉଠୁଛି ।

ଏବଂ ମୋ'ର ଅବସ୍ଥା ଆହୁରି ସଙ୍ଗୀନ ହୋଇଉଠିଲା, ଯେତେବେଳେ ମାଉସୀ ଚିକେନ୍ କାଟିବାକୁ ଆରମ୍ଭ କଲେ, ଏବଂ ବୁନ୍ଦାଏ ଝୋଳ ଛିଟିକି ପଡ଼ିଲା ମୋ' ହାତ ଉପରେ ।

''ଚି-ଚି-ଚିକେନ୍ !'' ମୋ'ର ପାଟି ଖନି ବାଜିଗଲା, ଆଉ ମୁଁ ଦୌଡ଼ି ପଳେଇଲି ରୁମ୍‌ର ଶେଷ ମୁଣ୍ଡକୁ, ଚିକେନ୍‌ର ଯେତେ ଦୂରକୁ ଯାଇ ହେବ, ଏବଂ ଚିତ୍କାର କରି ଉଠିଲି, ''ମୁଁ ଖାଇବି ନାହିଁ ସେଇ ଚିକେନ୍ !''

''ତୁ ମୋ'ର ଚିକେନ୍‌କୁ ଅପମାନ ଦେଉଛୁ ?'' ମାଉସୀ ହସି କରି କହିଲେ ।

Digitized by srujanika@gmail.com

''ତମ ଚିକେନ ମୋତେ ଅପମାନ ଦେଲା'', ମୁଁ ତା'ର ଉତ୍ତର ଦେଲି ଟିକିଏ ରାଗିଲା ପରି ହୋଇ ।

''ନେହା !'' ମାଆ ପାଟି କରି ଉଠିଲେ ମୋ' ଉପରେ ।

କିନ୍ତୁ ମୋ'ର ଚାରା ନଥିଲା କିଛି କରିବା ଲାଗି, ଯେଉଁଥିରେ ପାରିବାରିକ ଡିନର୍ ଖିଆର ଖୁସିବାସିଆ ଭାବ ଫେରିଆସିବ । ମୁଁ ଚୁପ୍ ହୋଇ ବସିଲି ଯାଇ ରୁମ୍‌ର ଗୋଟାଏ କୋଣରେ, ଏବଂ ମୋ'ର ବାପା ଓ ମାଆ ମାଉସୀଙ୍କୁ କ୍ଷମା ମାଗିଲେ, ମୋ'ର ଅସଭ୍ୟ ବ୍ୟବହାର ପାଇଁ । କିନ୍ତୁ ଶେଷକୁ ମାଆ ବୁଝିଲେ ମୋ' ଦୋଷ ନୁହେଁ, ମୁଁ ଗୋଟାଏ ତାମସା କରୁ ନଥିଲି । ସେଥିରେ ଆଉ କିଛି କାରଣ ଥିବ । ହୁଏତ ଟିକିଏ ରଙ୍ଗରସ ଭଲ ଲାଗେ ମୋତେ, କିନ୍ତୁ ତା' ବୋଲି ମୁଁ ଏତେ ଦୂରକୁ ଯାଇପାରିବି ନାହିଁ ।

ଯାହା ହେଉ, ଚିକେନ୍‌କୁ ଟେବୁଲ୍‌ରୁ କାଢ଼ି ନିଆଗଲା ପରେ ମୁଁ କ୍ରମଶଃ ସ୍ୱାଭାବିକ ଅବସ୍ଥାକୁ ଫେରିଆସିଲି ।

ଅନେକ ଆଳାପ ଆଲୋଚନା ପରେ ସେମାନେ ବିଚାର କଲେ ଯେ ଯେହେତୁ ମୁଁ ଚିକେନ୍ ଖାଇବାକୁ ଭଲପାଏ, ରୋଷ୍ଟ୍‌କୁ ରାନ୍ଧିବାର ତେଲ ମସଲାରେ କେଉଁ ଗୋଟାଏ ଚେରମୂଳର ବାସ୍ନା ଥିବ, ଯାହା ମୋ' ଧାତୁରେ ଗଲା ନାହିଁ । ତାକୁ ଆଲର୍ଜି କୁହନ୍ତି ନାହିଁ କି ?

କିନ୍ତୁ ପ୍ରକୃତରେ କେଉଁ ଚେରମୂଳରେ କିଛି ଦୋଷ ନଥିଲା ।

କିଛିଦିନ ପରେ ମୁଁ ଓ ମୋ'ର ସାନଭାଇ ନୀତିନ୍ ସ୍କୁଲ୍‌ରୁ ଫେରି ଦାଣ୍ଡ ଦୁଆରବନ୍ଧରେ ପାଦ ଦେଇଛୁ କି ନାହିଁ ମୋ'ର ଗୋଡ଼ ଦି'ଟା ଭୀଷଣ ଭାବରେ ଟଳଟଳ ହେବାକୁ ଲାଗିଲା । ଦେଖିଲି, ମାଆ ଚିକେନ୍ ସୁପ୍ ରାନ୍ଧୁଛନ୍ତି ।

''ଫିଙ୍ଗିଦିଅ ସେଇ ଚିକେନ୍ ସୁପ୍ !'' ମୁଁ ଚିତ୍କାର କରିଉଠିଲି । ରୋଷେଇ ଘରକୁ । ନୀତିନ୍ ତାଙ୍କ ପଛେ ପଛେ । ନୀତିନ୍ କ'ଣ କଲାନା ଥାକରୁ ଗୋଟାଏ ବାଟି କାଢ଼ିଆଣି ତାକୁ ସୁପ୍‌ରେ ଭରିଦେଲା ଚଟ୍‌କିନି, ଏବଂ ସବୁତକ ପିଇଦେଲା ଢକ୍ ଢକ୍ କରି । କହିଲା ''ଆମ ଘରେ ଆଉ ଚିକେନ୍ ଖାଇବାକୁ ମିଳିବ ନାହିଁ ବୋଧହୁଏ, ଅନେକ ଦିନ ଯାଏଁ'' (ମୋତେ ଅବଶ୍ୟ ଏକଥା ପରେ କୁହାଗଲା) । ଏବଂ ମାଆ ବାକିତକ ସୁପ୍ ରୋଷେଇ ଘର ନଳାରେ ଢାଳି ଦେଲେ । 'ଏକ୍‌ଜଷ୍ଟ' ଫ୍ୟାନ୍ ଚଲେଇ ଦିଆ

Digitized by srujanika@gmail.com

ହେଲା, ଦୂଷିତ ବାୟୁକୁ ଘରୁ ବାହାରକୁ କାଢ଼ି ଦେବା ଲାଗି । ରୋଷେଇଘରର ସବୁ ଝରକା ଖୋଲି ଦିଆ ଗଲା । ସେଇଠୁଁ ଯାଇଁ ମୁଁ ଘର ଭିତରକୁ ଆସିଲି, ସୁପ୍‌ର ନାଆଁଗନ୍ଧ ଚାଲିଗଲା ପରେ ।

ଏଥର ଆଉ କାହାରି ସନ୍ଦେହ ରହିଲା ନାହିଁ ଯେ ଇଏ ମୋ'ର ଆଲର୍ଜି ସତ, କିନ୍ତୁ କେବଳ ଚିକନ୍ ପ୍ରତି । ସେଇ ହେଉଛି ମୋ'ର ଶତ୍ରୁ । ତେବେ ଆମେ ସମସ୍ତେ ଆଶା କଲୁ ଯେ ସିଏ ଯେମିତି ହଠାତ୍ କୁଆଡ଼ୁ ଆସି ମୋତେ ମାଡ଼ିବସିଛି, ସେମିତି ହଠାତ୍ ଦିନେ ଉଭେଇ ଯିବ ।

''ସେତେଦିନଯାଏଁ ଚିକେନ୍ ରନ୍ଧା ହେବ ନାହିଁ ଆମ ଘରେ'', ମାଆ ଜଣାଇଦେଲେ ସମସ୍ତଙ୍କୁ, ଗମ୍ଭୀର ହୋଇ ।

''ତନ୍ଦୁରି ଚିକେନ୍ ଆଉ ମିଳିବ ନାହିଁ ମୋତେ'', ନୀତିନ୍ କହିଲା ଦୀର୍ଘନିଶ୍ୱାସଟିଏ ଛାଡ଼ି ଦେଇ । କିନ୍ତୁ ଆଲର୍ଜି ଉଭେଇଗଲା ନାହିଁ । ବରଂ ଦିନକୁ ଦିନ ବଢ଼ିବାକୁ ଲାଗିଲା । ଶେଷକୁ ଏମିତି ହେଲା ଯେ

Digitized by srujanika@gmail.com

କେଉଁ ପଡ଼ୋଶୀ ଘରେ ଚିକେନ୍ ରନ୍ଧା ହେଲେ ମୁଁ ତା'ର ବାସ୍ନା ବାରିନେଇ ପାରୁଥିଲି । ଏବଂ ଏମିତି ଆକ୍ରାନ୍ତ ହୋଇପଡୁଥିଲି ସେଥିରେ ଯେ ମନେ ହେବ ଚିକେନ୍‌ଟା ମୋ' ସାମ୍‌ନାରେ ଥୁଆ ହୋଇଛି ।

ଚିକେନ୍ ରନ୍ଧା ହେଉଥିବା ଯେକୌଣସି ଘର ବାଟ ଦେଇ ଗଲାବେଳେ ତା'ର ବାସ୍ନା ଘାରି ଦେଉଥିଲା ମୋତେ ଓ ମୁଁ ଚିତ୍କାର କରିଉଠୁଥିଲି । ଏବଂ ସେମାନେ ସହଜେ ଭାବୁଥିଲେ ଯେ ମୋର ମୁଣ୍ଡ ଖରାପ ।

'ଚିକେନ୍ ବାସ୍ନା'ର ପହୁଞ୍ଚ ଏମିତି ବଢ଼ି ବଢ଼ି ଗଲା ମୋ' ପାଇଁ ଯେ, ମୋ'ର ବାପମାଆ ବାଧ ହେଲେ ମୋତେ ସ୍କୁଲରୁ କାଢ଼ି ଆଣିବା ଲାଗି । କାରଣ ପାଞ୍ଚଟା କ୍ଲାସ ରୁମ୍ ଛଡ଼ାରେ ଥିବା ଚିକେନ୍

Digitized by srujanika@gmail.com

ସାଣ୍ଡଓ୍ଵିଚ୍‌ର ବାସ୍ନା ବି ପହୁଞ୍ଚିଯାଏ ମୋ ପାଖରେ, ଏବଂ ସେଇଠୁଁ ମୋର ଅବସ୍ଥା ଯାହା ହୁଏ ତା'ର ବର୍ଣ୍ଣନା ଅନାବଶ୍ୟକ । ଫଳରେ ପ୍ରିନ୍ସପାଲ ମହୋଦୟଙ୍କୁ ଭାବିବାକୁ ପଡ଼ିଲା ଯେ ସବୁ ସ୍କୁଲ ପିଲାଙ୍କୁ ଚିକେନ୍ ଠାରୁ ଦୂରେଇରୁହ ବୋଲି କହିବାଠାରୁ ମୋତେ ସ୍କୁଲରୁ ଦୂରେଇ ଦେଲେ ଭଲ ହେବ । ତା'ଛଡ଼ା ମୁଁ ଯେମିତି ହାଉଳି ଖାଏ ଚିକେନ୍‌ର ବାସ୍ନା ପାଇଲା କ୍ଷଣି, ଆଉ ହାତଗୋଡ଼ ଛିଞ୍ଚାଡ଼ି ହୋଇ ଭୂଇଁରେ ଗଡ଼େ, ସ୍କୁଲର କାହାକୁ ଭଲା ଦେଖିବାକୁ ଭଲ ଲାଗିବ ସେଇ ବିକଟ ଦୃଶ୍ୟ ?

ଇତିମଧ୍ୟରେ ମୋ'ର ବାପମାଆ କେତେ ଡାକ୍ତର, ବଇଦ, ହାକିମ, ନେଚରୋପ୍ୟାଥ୍, ହୋମିଓପ୍ୟାଥ୍ ଓଗେରଙ୍କର ପରାମର୍ଶ ନେଇ ସାରିଲେଣି, ଯେ ମୋ'ର ଏଇ ରୋଗଟା ପ୍ରକୃତରେ କଅଣ, ଏବଂ ତା' ପାଇଁ କିଭଳି ଚିକିତ୍ସା ଆବଶ୍ୟକ ଏବଂ ସେମାନେ ମୋତେ ହଜାରେ ପ୍ରଶ୍ନ ପଚାରିଗଲେଣି ମୋ'ର ଯାବତୀୟ ଅନୁଭୂତି ଓ ଚାଲିଚଳଣ ବିଷୟରେ । ମଧ୍ୟ ତାଙ୍କ ପରାମର୍ଶ ଅନୁଯାୟୀ ମୁଁ କେତେ ଯେ ରଙ୍ଗବେରଙ୍ଗ ବଟିକା ଗିଳିଛି ଆଉ ମିକ୍‌ସ୍‌ଚର ଢୋକିଛି, ଖାଇବା ପୂର୍ବରୁ, ଖାଇବା ପରେ, ସକାଳୁ ସକାଳୁ ବା ରାତିଅଧରେ, ତା' କହିଲେ ନ ସରେ । ଏପରିକି ମୋତେ ମୋ' ଦେହରେ ଲଗେଇବା ସାବୁନ୍ ଓ ଦାନ୍ତଘଷା ଟୁଥ୍‌ପେଷ୍ଟ ବି ବଦଳେଇବାକୁ ପଡ଼ିଲା । କିନ୍ତୁ ଏଇ ସମସ୍ତ 'ଚିକିତ୍ସା' ଆରମ୍ଭ ହେବାର ଛଅ ସପ୍ତାହ ପରେ ମଧ୍ୟ କୁକୁଡ଼ାଟାଏ ରାସ୍ତାରେ ପାରି ହେଲା ବେଳେ ମୁଁ ଜାଣିପାରେ ତା'ର କାରବାର, ଛଅଟା ରାସ୍ତାର ଦୂରତ୍ଵରେ ଥାଇ ।

କିଛି ହେଲେ କିଛି କାମ ହେଲା ନାହିଁ ମୋ' ରୋଗକୁ ଭଲ କରିବା ଦିଗରେ । ଏବଂ କେହି ବୁଝିପାରିଲେ ନାହିଁ କୋଉଠୁ ଆସିଲା ଏଇ ଅଦ୍ଭୁତ ଆଲର୍ଜି, ଖାସ୍ ମୋତେ ହିଁ ଏମିତି ହୀନସ୍ତା କରିବା ଲାଗି ।

ଜଣେ ଡାକ୍ତର ତାଙ୍କ ପାଣ୍ଡିତ୍ୟର ନମୁନା ଦେଖାଇ ଗୋଟାଏ ମନ୍ତବ୍ୟ ଝାଡ଼ିଦେଲେ, ଯାହାର ଅର୍ଥ ବୁଝିହେଲା ନାହିଁ । କହିଲେ, ଇଏ ହେଉଛି ଗୋଟାଏ ମୌଳିକ, ହେଲେ ପ୍ରଚ୍ଛନ୍ନ ଆଲର୍ଜି, ଯାହା ସକ୍ରିୟ ହୋଇଉଠିଲା କେଉଁ ଗୋଟାଏ କୁକୁଡ଼ାର ମହାପ୍ରବଳ ବାସ୍ନାରେ ।''

ତେବେ ଥୋକେ ଡାକ୍ତର ଏକାଠି ହେଲେ ଏ ବିଷୟରେ କ୍ରମାଗତ ଓ ସୁଦୀର୍ଘ ଆଲୋଚନା କରିବା ଲାଗି । ଦିନ ଦିନ ଧରି । ଏଣେ ପଛକେ ମୋତେ ମୋ' ଜୀବନଟାକୁ ବିତେଇବାକୁ ପଡୁଥାଏ ମୋ'ର ଅତି ଦୁର୍ବଳ ଥିବା ମହାପାଗଳ ସ୍ନାୟୁମାନଙ୍କୁ ନେଇ ।

Digitized by srujanika@gmail.com

ଶେଷକୁ ମୋ'ର ଭଲ ହୋଇ ଉଠିବାର ସବୁ ଆଶାଭରସା ଲୋପ ପାଇଯିବା ପୂର୍ବରୁ ଗୋଟାଏ ବିଶିଷ୍ଟ ବୈଜ୍ଞାନିକ ଉପାୟର ଖସଡ଼ା ତିଆରି କଲେ ଡାକ୍ତରମାନେ । କହିଲେ ଯେ ଇଏ ଯେମିତି ହେଲେ କାଟୁ କରିବ । କାଟୁ କରିବା ଉଚିତ ।

ସେଇଥିଁ ମୋତେ ଯେଉଁ ଚିକତ୍ସାର ଲମ୍ବା କାର୍ଯ୍ୟକ୍ରମ ଭିତର ଦେଇ ଯିବାକୁ ପଡ଼ିଲା, ତାହା ଏହି ପ୍ରକାର ଥିଲା–

ପ୍ରଥମେ ମୋତେ ଏଭଳି ଗୋଟିଏ କମରାରେ ରଖାଗଲା, ଯାହା ଭିତରେ ବାହାରର ଶବ୍ଦଟିଏ ଶୁଭିବ ନାହିଁ କି ଗନ୍ଧଟିଏ ବାରି ହେବ ନାହିଁ । କହିବାକୁ ଗଲେ ବାହାର ପୃଥିବୀର କିଛି ହେଲେ ପଶି ପାରିବ ନାହିଁ ତା' ଭିତରେ, ମୋ'ର ଭାବକାତର ଇନ୍ଦ୍ରିୟମାନଙ୍କୁ କଷ୍ଟ ଦେବା ଲାଗି । ପ୍ରକୃତରେ ମୋ'ର ମନେହେଲା ଯେ ଏଇ କମରାରେ ରହିବା ଦ୍ୱାରା ମୋ'ର ସ୍ନାୟୁଗୁଡ଼ିକ ଧୀରେ ଧୀରେ ସଜାଡ଼ି ହୋଇଯାଉଛି । ଅବଶ୍ୟ ମୁଁ ମୋ' ଜୀବନଟାଯାକ ଯେ ଏଇ ନିବୁଜ କୋଠରିରେ ବିତେଇବି, ତା' ନୁହେଁ, କିନ୍ତୁ ପ୍ରଥମ ମୋ'ର ମନଟାକୁ ଯଥାସମ୍ଭବ ଶାନ୍ତ ହେବାକୁ ଦିଆଗଲା, ଚିକିତ୍ସାର ଦ୍ୱିତୀୟ ପର୍ଯ୍ୟାୟ ସୁରୁ କରିବା ଲାଗି ।

ଦ୍ୱିତୀୟ ପର୍ଯ୍ୟାୟର ଚିକିତ୍ସା ହେଉଛି ଏଇ ଯେ ମୋତେ ଗୋଟାଏ ସ୍ପେଶାଲ୍ ପ୍ରତିଷେଧକ ଟିକା ନେବାକୁ ପଡ଼ିବ । ଟିକା ନେବାର ଅର୍ଥ କଅଣ ? ଆମକୁ ବୁଝେଇ ଦିଆଗଲା ଯେ ଯେଉଁ ବୀଜାଣୁମାନେ, କହିପାର ରାକ୍ଷସମାନେ, ଏମିତି ଚଢ଼ଉ କରୁଛନ୍ତି ମୋ' ଉପରେ, ତାଙ୍କ ଦୁର୍ଗୁଣର ସାମାନ୍ୟତମ ଅଂଶ ମିଶେଇ ଦେବାକୁ ପଡ଼ିବ ମୋ' ରକ୍ତରେ, ଯେମିତିକି ଶତ୍ରୁମାନଙ୍କୁ ଖୋଲା ମଇଦାନ୍ ମିଳିବ ନାହିଁ ମୋ' ଦେହରେ ମିଶିଯିବା ଲାଗି । ଏଇଆକୁ ଡାକ୍ତରି ଭାଷାରେ କୁହାଯାଏ 'ଭାକ୍‌ସିନ୍' (Vaccine), ଅର୍ଥାତ୍ ପ୍ରତିଷେଧକ ଟିକା । ବିଷହିଁ ବିଷର ଔଷଧ ବୋଲି କହିଲା ପରି । ବସନ୍ତ ପୋଲିଓ ଆଦି ପୃଥିବୀର କେତେ ଘାତକ ରୋଗକୁ ଦବେଇ ଦେବା ସମ୍ଭବ ହୋଇପାରିଛି, ଏହି ଉପାୟ ଦ୍ୱାରା । ଉକ୍ତ ଅକାଟ୍ୟ ତଥ୍ୟ ଅନୁଯାୟୀ ଗୋଟାଏ ନୂଆ ଧରଣର ଭାକ୍‌ସିନ୍ ପ୍ରସ୍ତୁତ କରାଗଲା ମୋ' ପାଇଁ । ସଦ୍ୟ ଜନ୍ମ ହୋଇଥିବା କୁକୁଡ଼ାଛୁଆର ହାଡ଼ ଭିତରେ ଥିବା ରସରୁ ଗୋଟାଏ ଜଳୀୟ ଉପାଦାନ ତିଆରି କରାଗଲା, ଯାହାକୁ ମୋ' ଶିରାଧମନୀରେ ପ୍ରବାହିତ ହେଉଥିବା ରକ୍ତରେ ଛାଡ଼ି ଦେବାକୁ ପଡ଼ିବ । ପ୍ରଥମେ କେତେଜଣ ବଡ଼ମଣିଷଙ୍କୁ ଆଗେଇ ଆସିବାକୁ ଦିଆଗଲା ଏହି ଟିକା ନେବା ଲାଗି । ଯେ ଦେଖିବା ତାଙ୍କ ଦେହ ଏଇ ବାହାର ବସ୍ତୁଟାକୁ ଗ୍ରହଣ କରିପାରୁଛି କି ନାହିଁ । ମୋ'ର ବାପା ଗୋଟିଏ ଟିକା ନେଲେ ଏବଂ

Digitized by srujanika@gmail.com

ତା'ପରେ ମୋ'ର ମାଆ । ସେଇଠୁଁ ନୀତିନ୍ କହିଲା, ''ମୁଁ କାହିଁକି ବାଦ୍ ପଡ଼ିବି ?'' ହଉ । ତାକୁ ବି ଗୋଟାଏ ଟିକା ଦିଆଗଲା । ତା'ପରେ ମୋ'ର ପାଳି । ଫଟୋ ନିଆଗଲା ମୋ'ର ଟିକା ନେଲାବେଳେ । ଯେହେତୁ ଆଶା କରାଗଲା ଯେ ଡାକ୍ତରି ଶାସ୍ତ୍ରର ଇତିହାସରେ ଇଏ ଗୋଟାଏ ମାଇଲଖୁଣ୍ଟ ହୋଇ ରହିବ ।

ତା'ପରେ ଅପେକ୍ଷା କରିବାକୁ ପଡ଼ିଲା କିଛିଦିନ, ଯେମିତିକି ଔଷଧଟା ପୂରାପୂରି ଜରିଯିବ ମୋ' ଦେହରେ ।

ସେଇଠୁ ତା'ର ଫଳାଫଳକୁ ପରୀକ୍ଷା କରିବା କଥା । ମୁଁ ପ୍ରସ୍ତୁତ ହୋଇ ରହିଲି ସେଥିପାଇଁ । ମୋ'ର ବାପାମାଆ ଓ ନୀତିନ୍‌କୁ ମଧ୍ୟ ଡକାଗଲା ସେଇ ପରୀକ୍ଷା ପର୍ବର ଆଖିଦେଖା ଦୃଶ୍ୟ ଦେଖିବା ପାଇଁ । କଥା ହେଲା ଯେ ଡାକ୍ତରମାନଙ୍କ ଗହଣରେ ଆମେ ରେଷ୍ଟୋରାଁକୁ ଯାଇ ଗୋଟାଏ ସ୍ପେଶାଲ୍ ଲଞ୍ଚ୍ ଖାଇବୁ ।

ପ୍ରଥମେ ଆସିଲା ସୁପ୍ । ଏବଂ ସିଏ ଥିଲା ଚିକେନ୍ ସୁପ୍ । ସମସ୍ତେ ଅନେଇ ରହିଲେ ମୋ' ଆଡ଼କୁ, ମୁଁ ସେଇ ସୁପ୍‌କୁ ଚାମୁଚେ ଚାମୁଚେ କରି ପାଟିକୁ ନେଲା ବେଳେ, ଏବଂ କ୍ରମଶଃ ମୁଁ ସବୁତକ ପିଇଦେଲି । ମୁଁ ଦିବ୍ୟ ଉପଭୋଗ କଲି ମୋ'ର ଚିକେନ୍ ସୁପ୍ !

ସେଇଠୁଁ ଆସିଲା ଲଞ୍ଚ୍‌ର ଅନ୍ୟାନ୍ୟ ବ୍ୟଞ୍ଜନ ଏବଂ ପ୍ରାୟ ସବୁଥିରେ ଥିଲା ଚିକେନ୍, ଚିକେନ୍ ବିରିୟାନୀ, ମୁର୍ଗ ମୁସଲମ୍, ତନ୍ଦୁରୀ ଚିକେନ୍, ଇତ୍ୟାଦି ଇତ୍ୟାଦି ।

କିନ୍ତୁ ଚିକେନ୍ ବିରିୟାନୀକୁ ସାରିବା ପୂର୍ବରୁ, ମୋ'ର ଗୋଟାଏ ବୋଲି ରୁମ ଟାଙ୍କୁରି ଉଠି ନାହିଁ ଏତେବେଳଯାଏଁ । ହଠାତ୍ ଗୋଟାଏ ବିବ୍ରତ କଲରବ ଶୁଣାଗଲା ମୋତେ । କୁକୁଡ଼ାମାନେ ଯେଉଁଭଳି ଶବ୍ଦ କରନ୍ତି, ତା'ରି ପରି । ଏବଂ ଡେଣାଝାଡ଼ି ଉପରକୁ ଉଠିପଡ଼ିଲେ ତିନୋଟି କୁକୁଡ଼ା–କ୍ଷମା କରିବେ ତିନିଜଣ ମଣିଷ–ତାଙ୍କ ଚଉକି ଉପରୁ । ମୋ'ର ବାପାମାଆ ଏବଂ ନୀତିନ୍ ।

ଡାକ୍ତରମାନେ ଚଟ୍‌କିନି ଧରି ପକାଇଲେ ସେମାନଙ୍କୁ ଏବଂ ଯେତେକ ଚିକେନ ଦିଆ ଭାତ, ତରକାରି, ଭଜା ଆଦି କାଢ଼ି ନିଆଗଲା ଟେବୁଲ ଉପରୁ । କିନ୍ତୁ ତା' ଦ୍ୱାରା ସେମାନେ ଶୀଘ୍ର ଶାନ୍ତ ହୋଇଗଲେ ବୋଲି କହିହେବ ନାହିଁ ।

ଡାକ୍ତରମାନେ କହିଲେ ଯେ ଯା'କୁ ଗୋଟାଏ ଉଦ୍ଭଟ ଧରଣର 'ଚିକେନାଇଟିସ' ବୋଲି କହିବାକୁ ହେବ । ଯେଉଁ ପ୍ରତିଷେଧକ ମୋତେ କାଟୁକଲା, ତା' ଟିକିଏ ବେଶି କଡ଼ା ହୋଇଗଲା ସେମାନଙ୍କ

Digitized by srujanika@gmail.com

ପାଇଁ । ତେଣୁ ଦୁଃଖର ବିଷୟ ଯେ ମୋ'ର ଆଲର୍ଜି ଭଲ ହୋଇଗଲା ସିନା, ଏମାନଙ୍କୁ ସେଇ ଆଲର୍ଜିର ଶିକାର ହେବାକୁ ପଡ଼ିଛି ।

ଆଜିଯାଏଁ କଟିନାହିଁ ସେମାନଙ୍କ ଦୁର୍ଦ୍ଦଶା ।

ଡାକ୍ତରମାନେ ଭାବିହେଉଛନ୍ତି ଯେ, କ'ଣ କରାଯାଇପାରେ ଏଇ ପ୍ରତିଷେଧକର କୁଫଳକୁ କାଟି ଦେବା ଲାଗି । ଏଣେ ଆମେ ସମସ୍ତେ ଭାବୁଛୁ ଯେ ପ୍ରଶାନ୍ତ ମହାସାଗରରେ ଥିବା ଗୋଟାଏ ଦ୍ୱୀପରେ ଯାଇଁ ରହିଲେ ହେବ । ଶୁଣାଯାଏ ଯେ ସେଠି କୁକୁଡ଼ା ନାହାନ୍ତି ।

ମୁଁ ଜାଣିଛି ଯେ ଚିକେନ୍ ବିରିୟାନୀ ଆଉ ମୋ' କପାଳରେ ନାହିଁ ।

ମୂଳ ଇଂରାଜୀ ରଚନା "A Fowl story" ବିଶ୍ୱଜିତା ଦାସ । ଏହା ଦିଲ୍ଲୀର ''ରତ୍ନା ସାଗର''ଙ୍କ ଦ୍ୱାରା ପ୍ରକାଶିତ ସଙ୍କଳନ (୧୯୯୦) "Ten Modern Short Stories"ରେ ସ୍ଥାନିତ ହୋଇଛି ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ ।

Digitized by srujanika@gmail.com

ସେଇ ବୁଢ଼ା ଜଣକ



ଆଶିଷର ସନ୍ଦେହ ନଥିଲା ଯେ ଲୋକଟାକୁ କେତେ ଶହ ବର୍ଷ ହେବଣି । କାରଣ ନିଶ୍ଚୟ ସେ ତା'ର ଜେଜେବାପାଙ୍କ ଠାରୁ ଅନେକ ବେଶି ବୁଢ଼ା । ଆଉ ଜେଜେବାପାଙ୍କ ବୟସ କ'ଣ ଶହେ ବର୍ଷରୁ କମ୍ ହୋଇଥିବ ? ଆଉ କାହାରିକୁ ଦେଖିନାହିଁ ସେ, ଯାହାର ମୁହଁରେ ଏତେ ଅସଂଖ୍ୟ ଗାର ! ଆଶିଷର ମନେହୁଏ ଯେ ସମସ୍ତ ପୃଥିବୀରେ ସେ ସବୁଠାରୁ ବେଶି ବୁଢ଼ା, ଯଦିଓ କାହାରିକୁ ଜଣା ନାହିଁ ସେକଥା ।

ସବୁଦିନ ସେ ସେଇଠି ବସିଥାଏ, ସେଇ ଏକା ଜାଗାରେ, ପରିବା ଦୋକାନର ଠିକ୍ ଆର-ପାଖରେ । ଏବଂ ଅବିକଳ ସେଇ ଭାବରେ, ଆଉ ସେଇ ମାଟିଆ ରଙ୍ଗର ମଇଳା କପଡ଼ା ପିନ୍ଧି । ଆଶିଷ ବୁଝିପାରେ ନାହିଁ ଯେ କେମିତି ତା'ର କପଡ଼ା କେବେହେଲେ ଆଗ ଅପେକ୍ଷା ଆଉ ଟିକିଏ ସଫା କିମ୍ୱା ଆହୁରି ମଇଳା ଦେଖାଯାଏ ନାହିଁ । ଭାବେ ଯେ ଇଏ ବି ବୁଢ଼ାପଣର ଅନ୍ୟତମ ଲକ୍ଷଣ । ଅନେକ ଅନେକ ବୟସ ପାରି ହୋଇଗଲେ କିଛି ଗୋଟାଏ ମେଜିକ୍‌ର କରାମତି ଆସିଯାଏ ତମର ।

ଖାଲି ତା'ର ଚେହେରାକୁ ନେଇ ଆଶିଷ ଭାବୁ ନ ଥିଲା ଏମିତି । କେବଳ ତା' ମୁଣ୍ଡର ଧଳାବାଳ, ତା'ର ଧଳାଦାଢ଼ି, ମାଟିଆ-ମଇଳା କପଡ଼ାର ବେଶ, କିମ୍ୱା ତା' ମୁହଁରେ ପଡ଼ିଥିବା ଗାର ଯୋଗୁଁ । ଆହୁରି କିଛି ଅଛି ବୋଲି ମନେହୁଏ ତା'ର । ବୋଧହୁଏ ତା' ଆଖି ଦି'ଟାରେ । ଆଉ ଯେମିତି ଭାବରେ ସେ ତା'ର ମୁଣ୍ଡକୁ ହଲାଉଥାଏ, ଯାହାକୁ ଦେଖିଲେ ଡର ମାଡ଼ିବ ତମକୁ ।

ପ୍ରତ୍ୟେକ ଦିନ ଆଶିଷକୁ ଅନ୍ତତଃ ଦୁଇଥର ସେଇବାଟ ଦେଇ ଯିବାକୁ ପଡ଼େ । ସ୍କୁଲକୁ ଯିବା ବେଳକୁ ଏବଂ ଫେରିବା ବେଳେ । ଏବଂ ପ୍ରତ୍ୟେକ ଥର ସେଇ ବୁଢ଼ା ଜଣକ ତା' ଆଖିରେ ପଡ଼େ । ତା' ମୁଣ୍ଡକୁ ଧୀରେ ଧୀରେ ହଲେଇ ତମ ଆଡ଼କୁ ଅନେଇ ରହିଥିବା ବୁଢ଼ା । ତା'ର ସେଇ ଫୋଡ଼ିଦେଲା ପରି ଚାହାଣି ତମକୁ କହିଲା ପରି ଲାଗେ ଯେ ତାକୁ ସବୁକିଛି ମାଲୁମ ।

Digitized by srujanika@gmail.com

ଅବଶ୍ୟ ଆଶିଷ ଏମିତି ଭାବରେ ଯିବାଆସିବା କରେ ଯେ ତାକୁ ବୁଢ଼ାର ପାଖ ହୋଇ ଯିବାକୁ ପଡ଼ିବ ନାହିଁ । କିନ୍ତୁ ଥରେଅଧେ ସେ ତା' ଆଡ଼କୁ ଚଟ୍‌କିନି ଟିକିଏ ନ ଅନେଇ ରହିପାରେ ନାହିଁ । ଆଉ ତା' ପରେ ପରେ ସେ ଦୌଡ଼ି ପଳାଏ ସେଠୁଁ । ସେ ତା'ର ମାଆକୁ ମଧ୍ୟ କହିଛି ଏ ବିଷୟରେ, କିନ୍ତୁ ସେ ଖାଲି ହସିଦିଅନ୍ତି ।

Digitized by srujanika@gmail.com

କିନ୍ତୁ ଦିନେ ଗୋଟିଏ ଘଟଣା ଘଟିଲା, ସ୍କୁଲରୁ ଫେରିବା ବାଟରେ, ଯେଉଁଥିପାଇଁ ସେ ପ୍ରସ୍ତୁତ ନ ଥିଲା । ପରିବା ଦୋକାନ ପାଖରେ ପହଞ୍ଚିଛି କି ନାହିଁ, ଦେଖିଲା ଯେ ସିଧା ଆଗକୁ ଯାଇ ହେବନାହିଁ, କାରଣ ରାସ୍ତାର ଏପାଖ ଅଧକରେ ପିଚୁ ଢଳା ହୋଇଛି । ଅଗତ୍ୟା ତାକୁ ରାସ୍ତାର ସେପଟେ ଯିବାକୁ ପଡ଼ିବ, ବୁଢ଼ାର ପାଖ ହୋଇ । ସେଇଆ ହେଲା । ସେଇଠୁଁ ସେ ଅନେଇଲା ବୁଢ଼ା ଆଡ଼କୁ, ଏବଂ ବୁଢ଼ା ତା' ଆଡ଼କୁ । ତା'ପରେ ବୁଢ଼ାଜଣକ ହଠାତ୍ ହସିଲା ।

ଏବଂ ଆଶିଷକୁ ଏତେ ଆଶ୍ଚର୍ଯ୍ୟ ଲାଗିଲା ତା'ର ସେଇ ହସକୁ ଦେଖି, ଯେ ସେ ବି' ହସଟିଏ ହସିଦେଲା ବୁଢ଼ା ଆଡ଼କୁ ଚାହିଁ । ମଧ ତା'ପରେ ସେଠୁଁ ଦୌଡ଼ି ପଳାଇଯିବାକୁ ଚାହିଁଲା ନାହିଁ ।

ସେଇଦିନଠୁଁ ସେ ରାସ୍ତାର ଆରକଡ଼କୁ ଚାଲିଯାଏ ନାହିଁ, ବୁଢ଼ାର ପାଖ ମାଡ଼ିବ ନାହିଁ ବୋଲି । ଆଉ ତାକୁ ଟିକିଏ ହେଲେ ଡର ବି ମାଡ଼େ ନାହିଁ ବୁଢ଼ାକୁ ଦେଖିଲେ ।

ମୂଳ ଇଂରାଜୀ ରଚନା "The Nodding Old Man" – ବିଶ୍ୱଜିତା ଦାସ । ଶଙ୍କରଙ୍କର "Children's World" ପତ୍ରିକାର ମାର୍ଚ୍ଚ ୧୯୭୭ ସଂଖ୍ୟାରେ ପ୍ରକାଶିତ । ଏବଂ ପରେ ଦିଲ୍ଲୀର "Ratna Sagar Pvt Ltd"ଙ୍କ ଦ୍ୱାରା ପ୍ରକାଶିତ "The Moon Beamed : Stories and Poems, Viswajita Das" ନାମକ ପୁସ୍ତକରେ ସଂଗୃହୀତ ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ ।

Digitized by srujanika@gmail.com

ଗୋଲାପୀ ସୁନ୍ଦରୀ



ବିସ୍ତୃତ ଓ ବିରାଟ ପଶୁ ରାଇଜରେ ଘଟିଥିବା ସେବେକା କଥା, ଯେତେବେଳେ ପଶୁମାନେ ହିଁ ମଣିଷଙ୍କ ମନ ପାଇଥିଲେ, ଆଉ ମଣିଷଙ୍କୁ କେହି ପଚାରୁ ନଥିଲେ ।

ଘୁଷୁରି କୁମାରୀର ମନ ଖୁସି ଥିଲା ସେଦିନ, ସକାଳେ ନିଦରୁ ଉଠିଲା ବେଳକୁ । ତେଣୁ ମୁହଁରେ ହସ । ଆଉ ସେଇ ହସଟା ଆହୁରି ଲମ୍ବିଗଲା, ଯେତେବେଳେ ସେ ତା'ର ପ୍ରତିବିମ୍ବ ଦେଖିଲା ପୋଖରୀ କୂଳରେ, ଥିର ପାଣିର ଦର୍ପଣରେ ।

'ଇସ୍ ! କି ସୁନ୍ଦର ଗୋଲାପୀ ରଙ୍ଗ ! କେମିତି କେଜାଣି ମୁଁ ଭାବିନଥିଲି ଆଜିଯାଏଁ, ସାରା ପଶୁରାଇଜରେ ମୁଇଁ କେବଳ ଏଇ ରଙ୍ଗ ପାଇଛି ! ମୋ' ଦେହର ଚମ ଗୋଲାପୀ, ଆଖି ଦି'ଟା ବି ଗୋଲାପୀ । ଗୋଲାପୀର ଅର୍ଥ ସୁନ୍ଦର, ସୁନ୍ଦରର ଅର୍ଥ ଗୋଲାପୀ । ଆଉ ମୁଁ ହେଉଛି ଗୋଲାପୀ ସୁନ୍ଦରୀ । ଏଇ ଥିଲା ତା' ଆନନ୍ଦହସର ଭାଷା ।

ସେଇଠୁଁ ସେ ଘୂରି ଆସିଲା ପଶୁରାଇଜରେ ତା' ହସକୁ ଲିଭିବାକୁ ନଦେଇ । 'ଦେଖ ଗୋ ଦେଖ, ମୋ' ସୁନ୍ଦର ତନକୁ ଦେଖ' ବୋଲି କହିଲା ପରି ।

ବୁଲୁବୁଲୁ ସେ ଯାଇଁ ପହୁଞ୍ଚିଲା ମର୍କଟର ''ଯୋଗ ବିଦ୍ୟାଳୟ''ରେ । କ୍ଲାସ ଚାଲିଥିଲା ଗୋଟିଏ ବଡ଼ ଗଛର ଛାଇତଳେ । ଅନେକ ଜନ୍ତୁ ଯୋଗାଭ୍ୟାସ କରୁଥାଆନ୍ତି ସେଠି, ତାଙ୍କ ଦେହର ଅଙ୍ଗପ୍ରତ୍ୟଙ୍ଗକୁ ବିଭିନ୍ନ ଭାବରେ ସଳଖେଇ, ଲମ୍ବେଇ ଦେଇ କିମ୍ବା କୁଞ୍ଚେଇ ହୋଇ । ମଧ୍ୟ ବେଳେବେଳେ ଗୋଡ଼ ଖସିଯିବାରୁ କିମ୍ବା ଭଙ୍ଗୀଟା ବେଠିକଣା ହେବାରୁ କଚାଡ଼ି ହୋଇ ପଡୁଥାନ୍ତି । ଲଦି ହୋଇ ପଡୁଥାନ୍ତି ଜଣକ ଉପରେ ଜଣେ, ଅଥବା ଗଡ଼ି ଯାଉଥାଆନ୍ତି ଭୂଇଁରେ । ଫଳରେ ତାଙ୍କ ଦେହ ଅବଶ୍ୟ ମଇଳା

Digitized by srujanika@gmail.com



ହୋଇଯାଉଥାଏ, କିନ୍ତୁ ତାଙ୍କୁ ମଜା ଲାଗୁଥାଏ । ପ୍ରତିଥର ହସିଉଠନ୍ତି ସେମିତି କିଛି ହେଲେ, କିନ୍ତୁ ପୁଣି ଆରମ୍ଭ କରିଦିଅନ୍ତି ତାଙ୍କ କସରତ୍ ।

''ଆ', ମିଶି ଯା' ଆମ ସାଙ୍ଗରେ'', ମର୍କଟ ଡାକିଲା ଘୁଷୁରିକୁ, ଯେତେବେଳେ ଦେଖିଲା ସେ କେମିତି ଅନେଇଛି ତା'ର ଛାତ୍ରଛାତ୍ରୀମାନଙ୍କୁ ଜଳଜଳ ହୋଇ । ପୁଣି କହିଲା, ''ଏଠିକି ଆସି ଯୋଗବିଦ୍ୟା ଶିଖିଲେ ତୁ ଖାଲି ଫିଟ୍ ହୋଇ ରହିବୁ ନାହିଁ, ତୋ' ମନଟା ବି ସବୁବେଳେ ଖୁସି ରହିବ । ମୋ'ର ଫିସ୍ ହେଉଛି ମାତ୍ର ଗୋଟିଏ ପାଚିଲା କଦଳୀ ।''

''ନା ! ନା !'', ଘୁଷୁରି କୁମାରୀ ପାଟି କରି ଉଠିଲା, ଭୂଇଁରେ କେବଳ ତା' ପାଦ ଆଙ୍ଗୁଠିର ଟିପ ଲଗେଇ । ''ଭାବିଛ ମୁଁ ଏମିତି ମଇଳା ଅସନା କରିବି ନିଜକୁ, ତମମାନଙ୍କ ପରି ? ଛିଃ ! ଆଉ ମୋ' ଦେହର ସଫା ଚିକିଚିକି ଗୋଲାପୀ ରଙ୍ଗକୁ ନଷ୍ଟ କରିଦେବି ? ତମେ ଜାଣିଥିବ ଯେ ସାରା ପଶୁ ରାଇଜରେ ଆଉ କେହି ନାହାନ୍ତି, ଯେଉଁମାନେ ମୋର ଗୋଲାପୀ ରଙ୍ଗ ପାଇଛନ୍ତି । ଗୋଲାପୀ ଅର୍ଥ ସୁନ୍ଦର, ସୁନ୍ଦରର ଅର୍ଥ ଗୋଲାପୀ ।''

Digitized by srujanika@gmail.com

ମର୍କଟ ଠୋ' ଠୋ' ହୋଇ ହସିଲା । ଅନ୍ୟମାନେ କୁରୁକୁରୁ ହେଲେ ଏବଂ ଗଧିଆ ଟୋକାଟା ଜୋର୍‌ରେ ଶୁଷୁରି ବଜେଇଲା, ଅନେକ ସମୟ ଯାଏଁ । ଘୁଷୁରି କୁମାରୀର ଗାଲ ଆହୁରି ଲାଲ୍ ପଡ଼ିଗଲା କି କଅଣ । ଯାହା ହେଉ ସେ ସେଠୁଁ ପଳେଇ ଆସି ବୁଝେଇଲା ନିଜକୁ–ସେମାନଙ୍କର ହିଂସା ହେଉଛି ମୋ' ଉପରେ ଯେ ମୁଁ ଏମିତିକା ରଙ୍ଗ ପାଇଛି । ଠିକ୍ ଅଛି । ମୁଁ ତାଙ୍କୁ ପରୁଆ କରିନାହିଁ । ମୁଁ ମୋ'ର ସୁନ୍ଦର ରଙ୍ଗକୁ ବଞ୍ଚେଇ ରଖିବି, ଆଉ ଦେଖେଇବି ଅନ୍ୟମାନଙ୍କୁ, ଯେଉଁମାନେ ତା'ର ମୂଲ୍ୟ ବୁଝିବେ । ଏହି ଭାବରେ ସେ ଡେଇଁଡେଇଁକା ଘୂରିବୁଲିଲା ଜଙ୍ଗଲରେ, ଅନ୍ୟ ଜନ୍ତୁମାନଙ୍କ ଆଗରେ ନିଜର ଚେହେରାକୁ ଦେଖାଇବା ଲାଗି । ଜଙ୍ଗଲ୍‌ର ଯେତେକ ସ୍କୁଲ, ପାର୍କ ଓ ପୋଖରୀ ତୁଠରେ ଯାଇଁ ପହୁଁଞ୍ଚିଲା, ଯେଉଁଠି ଜମା ହୋଇଥିବେ ସେମାନେ । ଆଉ ଠିଆ ହେଲା ସେମାନଙ୍କ ସାମ୍‌ନାରେ । ଠିଆ ହୋଇ ମୁଣ୍ଡ ନୁଆଁଇଲା, ନମସ୍କାର ଭଙ୍ଗୀରେ । ଯେ ମୋ'ର ରୂପଶ୍ରୀକୁ ଦେଖିବା ହେଉ । ମଧ୍ଯ କ'ଣ ବୋଲି କ'ଣ

Digitized by srujanika@gmail.com

କହି ଚାଲିଲା ତା'ର ରୂପରଙ୍ଗକୁ ନେଇ, ହସିଲା ଆଉ ନାଚିଲା, ସେଠୁଁ ଚାଲିଯିବା ପୂର୍ବରୁ । ଏବଂ ଭାବି ଖୁସି ହେଲା ଯେ ସେମାନେ ଏମିତି ହସୁଛନ୍ତି, ମାନେ ଖୁସି ହେଉଛନ୍ତି ତାକୁ ଦେଖି ।

ଦିନ ଗଡ଼ିଗଲା ଗୋଲାପୀ ସୁନ୍ଦରୀର ଦେଖେଇ ହେବା ପର୍ବକୁ ନେଇ । ଏଣିକି ସେ କେଉଁଠିକି ହେଲେ ଧାଇଁ ଯାଉ ନଥିଲା, କାଳେ ଧୂଳି ଲାଗିଯିବ ତା' ଦେହରେ । ଖେଳିବାକୁ ମଧ୍ୟ ନାରାଜ, ସେଥିରେ ଆହୁରି ବିପଦ । କହିବାକୁ ଗଲେ ସେ ନିଜକୁ ବାଧ୍ୟ କଲା ଅନେକ ଦୈନିକ ଦରକାରୀ କାମରୁ ନିଜକୁ ଦୂରେଇ ରଖିବା ଲାଗି, ଯେମିତିକି ତା' ସୁନ୍ଦରପଣରେ ଆଞ୍ଚ ଲାଗିବ ନାହିଁ । କିନ୍ତୁ ସେଥିକୁ ତା'ର ଦୁଃଖ ନଥିଲା । କେବଳ ଦିନକୁ ତିନିଥର ଗାଧୋଇବା ଛଡ଼ା କୌଣସି କାମକୁ ସେ ଦରକାରୀ ବୋଲି ଭାବୁ ନଥିଲା । କାରଣ ତା' ମନରେ ଖାଲି ଗୋଟିଏ ଭାବ-ଭାବନା ବସା ବାନ୍ଧି ରହିଥାଏ–ଯାହାର ରଙ୍ଗ ଗୋଲାପୀ । ମନେ ହେବ ତା' ପାଟିରୁ ବାହାରୁଥିବା କଥା ବି ସେମିତି ଦିଶୁଛି । ଏବଂ ତା'ର ସ୍ୱପ୍ନ-ଗୁଡ଼ାକ ବି ସେମିତି ଦିଶୁଥିବ ପରା–ନିଖୁଣ ଗୋଲାପୀ !

ପ୍ରଥମେ ପ୍ରଥମେ ତ ଅନ୍ୟ ଜନ୍ତୁମାନେ ହସୁଥିଲେ ତା'ର ଏଇ କାରବାର ଦେଖି । 'ବୋକୀ, ବୋକୀ, ମହାବୋକୀଟିଏ !' ବୋଲି ମଧ୍ୟ ତାଙ୍କ ପାଟିରୁ ବାହାରୁଥିଲା ବେଳେବେଳେ ।

କିନ୍ତୁ ଘୁଷୁରି ଯେତେବେଳେ ତାଙ୍କୁ ଓଲଟି ଥଟ୍ଟା କଲା ଯେ ତମେସବୁ ଚେନାଏ ଚେନାଏ ଭିନ୍ନ ରଙ୍ଗ, ମାନେ ଯାବତୀୟ ବାଜେ ରଙ୍ଗ, ସିଏ ଧଳା ହେଉ କି କଳା, ଡାଉଆ, ପାଉଁଶିଆ କି ଆଉ ଯାହା, ସେମାନେ ତା' ଉପରେ ନ ରାଗି ରହି ପାରିଲେ ନାହିଁ । କ୍ରମଶଃ ମହା ବିରକ୍ତ ହୋଇ ଉଠିଲେ ଏବଂ ଯାଇ ଫେରାଦ୍ ହେଲେ ସିଂହରାଜାଙ୍କ ଆଗରେ । ମହାମାନ୍ୟ ସମ୍ରାଟ୍ ଧୀରେ ଧୀରେ ତାଙ୍କ ବିରାଟ ମୁଣ୍ଡକୁ ତଳକୁ ଉପରକୁ କଲେ ଏବଂ କହିଲେ, ''ହଉ, ମୁଁ ଚିନ୍ତା କରିବି ସେ ବିଷୟରେ ।''

ତେଣୁ ଘୁଷୁରି ଯେତେବେଳେ ଯାଇ ପହୁଁଞ୍ଚିଲା ଦିନେ ଖୋଦ୍ ସମ୍ରାଟଙ୍କ ପାଖରେ ଏବଂ ତା'ର ଅପୂର୍ବ ଗୋଲାପୀ ରଙ୍ଗର ଚେହେରା ଦେଖେଇ ହେଲା ତାଙ୍କ ଆଗରେ, ରାଜା ବୁଝିଲେ ଯେ ଏଥିରେ ଯେକୌଣସି ଜୀବର ରାଗିବା କଥା ।

ଘୁଷୁରି ପ୍ରଥମେ ନଇଁବାର ଭଙ୍ଗୀରେ ପ୍ରଣାମ କଲା ତାଙ୍କୁ । ତା'ପରେ ନଚେଇଲା ତା'ର ଗୋଲାପୀ ଲାଙ୍ଗୁଡ଼କୁ । ଥରେ ଡାହାଣକୁ ବୁଲିପଡ଼ିଲା ତ ଥରେ ବାଆଁକୁ । ସେଇଠୁଁ ତା' ଗଳା ସଫା କରି କହୁଛି ତା' ସ୍ୱରକୁ ଉଞ୍ଚେଇ, ''ଶୁଣିବା ହୁଅନ୍ତୁ ମହାରାଜ ! ଆପଣ ଲକ୍ଷ୍ୟ କରିଛନ୍ତି କି ନାହିଁ ଜାଣେ ନା, ଯେ ଆପଣଙ୍କ ରାଜ୍ୟରେ ମୁଇଁ କେବଳ ଗୋଟିଏ ପ୍ରାଣୀ, ଯାହାର ରଙ୍ଗ ସମ୍ପୂର୍ଣ୍ଣ ଗୋଲାପୀ । ତା' ମୁଣ୍ଡରୁ

Digitized by srujanika@gmail.com

ଲାଙ୍ଗୁଡ଼ ଯାଏଁ । ଆଉ କେହି ହେଲେ ନାହାନ୍ତି ତା’ ପରି । ଗୋଲାପୀକୁ ହିଁ ସୁନ୍ଦର ବୋଲି କହିବ, ଆଉ ସୁନ୍ଦରକୁ ଗୋଲାପୀ । ଏବଂ ମୁଁ ହେଉଛି ଗୋଲାପୀ ସୁନ୍ଦରୀ !’’

ସିଂହରାଜା ଆଉ ସମ୍ଭାଳି ପାରିଲେ ନାହିଁ ନିଜକୁ । ଗର୍ଜିଉଠିଲେ ରାଗରେ ଏବଂ କହିଲେ–‘‘ରେ ଘୁଷୁରି ! ତୋ’ର ଏଇ ରଙ୍ଗ ରହିବ ନାହିଁ ଆଉ । ଏବଂ ପ୍ରକୃତରେ ତୁଇ ହେବୁ ରାଜ୍ୟର ଅନ୍ୟତମ ଅସନା ଜନ୍ତୁ । ଆଉ ତୋ’ ପିଲା ବି ହେବେ ଠିକ୍ ତୋ’ରି ପରି ।’’

ଘୁଷୁରି ରାଗିଲା ଆଉ କାନ୍ଦିଲା, ଏବଂ କାନ୍ଦି କାନ୍ଦି ପଳେଇ ଆସିଲା ରାଜାଙ୍କ ଦରବାରରୁ । ଲୁହ ଧାର ଧାର ହୋଇ ବହିଯାଉଥାଏ ତା’ ଆଖିରୁ, ଏବଂ ତାକୁ ବୁଦ୍ଧି ଦିଶୁ ନଥାଏ କେଉଁଠିକି ଯିବ ବୋଲି । ତେଣୁ ସେ ଖାଲି ଧାଇଁ ପଳେଇଲା କୁଆଡ଼େ ବୋଲି କୁଆଡ଼େ, ବାଟବଣା ହୋଇ । ଝୁଣ୍ଟିଲା ଗୋଟାଏ ଜାଗାରେ ଏବଂ ଲଥିକିନି ପଡ଼ିଲା ଗୋଟାଏ କାଦୁଅ ବଟବଟ ପୋଖରୀ ଉପରେ । ‘ଇସ୍ !’ ବୋଲି ତା’ ପାଟିରୁ ବାହାରିଲା ପ୍ରଥମେ, କିନ୍ତୁ ତା’ ପରେ ପରେ ସେ କହିଲା ‘ଆଃ’ । କାହିଁକିନା ତା’ ଦେହକୁ ଭଲ ଲାଗିଲା ସେଇ କାଦୁଅର ସ୍ପର୍ଶ । ତା’ର ରାଗରେ ଜଳୁଥିବା ଦେହକୁ ଶୀତଳେଇଲା ପରି । ସେଇଠୁ ସେ ଆନନ୍ଦରେ ଲଟପଟ ହେଲା କାଦୁଅ ଭିତରେ ଏବଂ ଯେତେବେଳେ ପଦାକୁ ବାହାରିଲା ଅନେକ ସମୟ ପରେ, କେହି ହେଲେ କହିବ ନାହିଁ ତାକୁ ଦେଖିଲେ, ଯେ ତା’ ଦେହର ମୂଳ ରଙ୍ଗ ଥିଲା ଗୋଲାପୀ ।

ସେଇଦିନୁ ଘୁଷୁରିମାନଙ୍କୁ ଏତେ ଭଲ ଲାଗେ ପରା, କାଦୁଅରେ ଲଟପଟ ହେବା ପାଇଁ !

ମୂଳ ଇଂରାଜୀ ରଚନା “The Pig Who Loved Pink”– ବିଶ୍ୱଜିତା ଦାସ । ଶିଶୁପତ୍ରିକା “Target” ଅଗଷ୍ଟ ୧୯୮୦ ସଂଖ୍ୟାରେ ପ୍ରକାଶିତ । ଏବଂ ପରେ ଦିଲ୍ଲୀର “Ratna Sagar Pvt. Ltd”ଙ୍କ ଦ୍ୱାରା ପ୍ରକାଶିତ “The Moon Beamed : Stories and Poems, Viswajita Das” ନାମକ ପୁସ୍ତକରେ ସଂଗୃହୀତ ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ ।

Digitized by srujanika@gmail.com

ଦୁଃଖୀ ଟାଉନ୍‌ବସ୍



ମୁମ୍ବାଇର ଗୋଟିଏ ଟାଉନ୍‌ବସ୍ । ତା'ର ନମ୍ବର ହେଉଛି ଏମ୍.ଆର୍.ଆର୍. ୭୦୪୪, ହେଲେ ସମସ୍ତେ ତା'କୁ ଡବଲ୍ ଫୋର ବୋଲି କୁହନ୍ତି । ଥରେ ଭାରି ଦୁଃଖରେ ପଡ଼ିଥିଲା ସେ । ଏଭଳି ଦୁଃଖ ଯେ ଦିନେ ସେ ଯନ୍ତ୍ରଣା ଭୋଗିଲା ପରି ଗଅଁ ଗଅଁ ହେବାକୁ ଲାଗିଲା, ତା'ର ନିତିଦିନିଆ ରୁଟ୍ ଚେମ୍ବୁର୍‌ରୁ ଫାଉଣ୍ଟେନ୍‌କୁ ଗଲାବେଳେ । ଏବଂ ଅତ୍ୟନ୍ତ ଶ୍ରୁତିକଟୁ ଥିଲା ଡବଲ୍ ଫୋର୍‌ର ଗଅଁ ଗଅଁ କାନ୍ଦଣା । ଅନେକ ଯାତ୍ରୀ କାନରେ ଠିପି ଦେଲେ ତାକୁ ଶୁଣିବେ ନାହିଁ ବୋଲି । କେତେକ ମଧ୍ୟ ତାକୁ ଗାଳିମନ୍ଦ କଲେ ।

ଡବଲ୍ ଫୋର୍‌ର ଡ୍ରାଇଭର୍ ରାମ୍‌ସୁରତ୍ ବ୍ୟସ୍ତ ହୋଇ ଉଠିଲା । ମୁଣ୍ଡ ହଲେଇ କହିଲା କଣ୍ଡକ୍ଟର ହୀରାଲାଲ୍‌କୁ, ''ମନେ ହେଉଛି ଆମ ଡବଲ୍ ଫୋର୍ ଅସୁସ୍ଥ, କିଛି ଗୋଟାଏ ରୋଗ ଧରିଛି ତାକୁ ।''

ହୀରାଲାଲ୍ ଡବଲ୍ ଫୋର୍‌କୁ ଥାପୁଡ଼େଇଲା । ଭାବିଲା ସେଥିରେ ତାକୁ ଟିକିଏ ଭଲ ଲାଗିବ ପରା ।

କିନ୍ତୁ କିଛି ଲାଭ ହେଲା ନାହିଁ ସେଥିରେ, କାରଣ ଡବଲ୍ ଫୋର୍ ପ୍ରକୃତରେ ଅସୁସ୍ଥ ନଥିଲା । ସେ ବୋର୍ ହୋଇଯାଇଥିଲା ତା'ର ନିତିଦିନିଆ ଜୀବନକୁ ନେଇ । ତାହାହିଁ ଥିଲା ତା'ର ମହାଦୁଃଖର କାରଣ । ଯେ ସବୁଦିନେ ସେଇ ଏକାକଥା ! ସେଇ ରାସ୍ତା, ସେଇସବୁ ଜାଗା ଏବଂ ସେଇ ଲୋକମାନେ !

ଚେମ୍ବୁର୍ ବସ୍‌ଷ୍ଟପ୍‌ରେ ପହଞ୍ଚୁ ନପହଞ୍ଚୁଣୁ ଡବଲ ଫୋର୍‌କୁ ଜଣା ହୋଇଯାଏ ଯେ ଏଇ ଲୋକମାନେ ଅପେକ୍ଷା କରିଥିବେ ତା' ପାଇଁ । ସେଇ ମୋଟୀ ଗୁଜରାଟୀ ଭଦ୍ରମହିଳା, ଯେ ଧଇଁସଇଁ ହୁଅନ୍ତି ବସ୍‌ରେ ଚଢ଼ିଲା ବେଳକୁ, ଆଉ ସେଇ ଧଡ଼ିଆ ପାର୍ସୀ ଭଦ୍ରଲୋକ ଜଣକ ଯେ

Digitized by srujanika@gmail.com

ବାଟଯାକ ଢୁଳଉଥାଆନ୍ତି । ଏବଂ ସେ ଚିହ୍ନିଥିଲା କୋଉ ସ୍କୁଲରେ ପଢୁଥିବା ତିନିଜଣ ଝିଅଙ୍କୁ, ଯେଉଁମାନେ ସବୁବେଳେ ପାଖାପାଖି ହୋଇ ବସନ୍ତି ଏବଂ ବକରବକର ହେଉଥାଆନ୍ତି । ମଧ ଆଉ ଅନେକ ଯାତ୍ରୀ, ପୁରୁଷ ଓ ସ୍ତ୍ରୀଙ୍କ କାରବାର ଦିଶିଯାଏ ତାକୁ । କେମିତି ସେମାନେ ଆସନ୍ତି, ଯାଆନ୍ତି ଏବଂ ଥରକୁ ଥର ତାଙ୍କ ହାତଘଡ଼ିକୁ ଦେଖୁଥାଆନ୍ତି । ସଦାବେଳେ ଅସ୍ଥିର, ତାଙ୍କ କାମଜାଗାରେ ପହୁଁଞ୍ଚିବା ଯାଏଁ ।

''ମୋ'ର ଗୋଟାଏ ଚେଞ୍ଜ୍ ଦରକାର !'' ଡବଲ୍ ଫୋର୍ କହିହେଲା ନିଜକୁ ''ଋତୁ ପରିବର୍ତ୍ତନ । ମୁଁ ଚାହେ କିଛି ନୂଆ ଜାଗା ଦେଖିବି, ନୂଆ କଥା ଜାଣିବି, ଯାହା ଭିନ୍ନ ହୋଇଥିବ ।'' ଏଇ ଦାବିକୁ ସେଦିନ ଦୋହରେଇଲା ମନକୁ ମନ, ରାତିରେ ଡିପୋରେ ବିଶ୍ରାମ ନେଲାବେଳେ । ଏବଂ କହିଲା ଶେଷକୁ ''ବେଶ୍, ସେମିତି କଥାକୁ ମୁଁ କାଲି ପଳେଇଯିବି କୁଆଡ଼େ !''

ମୁଁ ପଳେଇଯିବି । ଅନ୍ୟ ଉପାୟ ନାହିଁ । ସେ ନିଶ୍ଚୟ କଲା ଯେ ସେ ଠିକ୍ ସେଇଆ କରିବ । ସେଇଠୁଁ ତା' ଆଖିକୁ ନିଦ ଆସିଗଲା ।

ଏବଂ ତା' ପରଦିନ ସକାଳେ ଡିପୋର ଫାଟକ ଖୋଲିଛି କି ନାହିଁ, ଡବଲ୍ ଫୋର୍ ଚଟ୍‌କିନି ଧାଇଁ ପଳେଇଗଲା ସେଠୁଁ, କେହି ତାକୁ ଅଟକେଇବା ଆଗରୁ ।

ଚଉକିଦାରର ଆଖିରୁ ନିଦ ଛାଡ଼ି ନଥିଲା ସେତେବେଳକୁ, ଏବଂ ସେ ତା'ର ଆଖିକୁ ବିଶ୍ୱାସ କରି ପାରିଲା ନାହିଁ ।

ଡବଲ୍ ଫୋର୍ ଗୋଟାଏ ନୂଆ ରାସ୍ତା ଧରିଲା । ତେଣୁ କେତେ ନୂଆ ନୂଆ ଜାଗା ଦେଖିବାକୁ ପାଇଲା । ଜୁହୁ ସମୁଦ୍ରକୂଳ, ଯେଉଁଠି ଲୋକସବୁ ପାଣିରେ ଖେଳୁଛନ୍ତି, ଆଉ ଓଟମାନେ ବାଲି ଉପରେ ବସି ଢୁଳଉଛନ୍ତି । ମନେ ହେଲା ସମୁଦ୍ର ତାକୁ ଡାକୁଛି, କିନ୍ତୁ ଓଟଗୁଡ଼ାକ ତା'ର ସାଙ୍ଗ ହୋଇପାରିବେ ବୋଲି ଲାଗିଲା ନାହିଁ । ସେଇଠୁଁ ସେ ଧାଇଁଗଲା ବାନ୍ଦ୍ରା ଆଡ଼କୁ । ସେଇଠି ସେ ଗୋଟାଏ 'ଡ୍ରାଇଭ୍-ଇନ୍-ଥିଏଟର୍' ଦେଖିଲା, ତା' ଜୀବନରେ ପ୍ରଥମ ଥର ପାଇଁ । କେମିତି କାର୍ ବସ୍‌ରୁ ନ ଓହ୍ଲେଇ ମଧ ସିନେମା ଥିଏଟର ଦେଖିହେଉଛି । ବାନ୍ଦ୍ରାରେ 'ମାଉଣ୍ଟ ସେଣ୍ଟ୍ ମେରୀ' ଦେଖିଲା, ଆଉ 'ମହିସା କ୍ରୀକ୍' ଜଳପ୍ରଣାଳୀରେ ଚଢ଼େଇମାନଙ୍କ ଖେଳ । ମାଟୁଙ୍ଗାରେ ତା'ର ମନହେଲା ଗୋଟାଏ ସ୍କୁଲ୍‌ବସ୍ ସାଙ୍ଗରେ ରେସ୍ କରିବ । କିନ୍ତୁ ରେସ୍‌ଟା ସମ୍ଭବ ହେଲା ନାହିଁ, କାରଣ ସ୍କୁଲଝିଅଟିଏ ସ୍କୁଲ ବସ୍‌କୁ ହାତ ଦେଖେଇ ଅଟକେଇଲା । ବିଚିତ୍ର କଥା ଡବଲ୍

Digitized by srujanika@gmail.com



ଫୋର୍‌ର ମନେ ହେଲା, ସେ ଝିଅଟାକୁ ଚିହ୍ନିଛି । ସେଇଠୁଁ ସେ ଗଲା ଦାଦର୍‌ ଆଡ଼କୁ, ଶିବାଜୀ ପାର୍କ ପାରି ହୋଇ, ଯେଉଁଠି ଟୋକାମାନେ କ୍ରିକେଟ୍ ଖେଳୁଥିଲେ । ତା'ପରେ ଓର୍‌ଲି ପାଖରେ ପହୁଞ୍ଚିଛି କି ନାହିଁ ସେ ହଠାତ୍ ଅଟକିଗଲା । ଏବଂ ରାସ୍ତାର ମଝିଟାରେ !

କାହିଁକିନା ସେ ଦେଖିଲା ଯେ ମୋଟୀ ସ୍ତ୍ରୀଲୋକଟିଏ ରାସ୍ତାରେ ଚାଲିଛି ଧଇଁସଇଁ ହୋଇ । ଇଏ ଚେମ୍ବୁର୍‌ର ସେଇ ଜଣକ ନୁହେଁ ତ ? ନା, ସିଏ ହୋଇନଥିବ ପରା । କିନ୍ତୁ ତା' ମନ ମାନିଲା ନାହିଁ । ଭାବିଲା, କେମିତି ସେ ଚାଲି ଚାଲି ଯିବ ଏତେ ବାଟ, ଫାଉଣ୍ଟେନରେ ପହୁଞ୍ଚିବା ପାଇଁ ! ଏମିତି କ'ଣ ତା' ନିଃଶ୍ୱାସ ପେଲି ହେଉଥିବ ବାଟଯାକ ?

Digitized by srujanika@gmail.com



ଡବଲ୍ ଫୋର୍ ଆଖି ପୂରେଇ ଅନେଇଲା ଚାରିଆଡ଼କୁ । ଏବଂ ତାକୁ ସବୁ କିଛି ଚିହ୍ନା ମନେ ହେଲା ! ସେଇଠୁଁ ହଠାତ୍ ତା' ମନ ଡାକିଲା ଘରକୁ ଫେରିଯିବା ପାଇଁ । ମନେପଡ଼ିଲା ଡ୍ରାଇଭର୍ ରାମ୍ ସୁରତ୍, ସେଇ ମୋଟୀ ଗୁଜରାଟୀ ଭଦ୍ରମହିଳା, ଆଉ ଧଡ଼ିଆ ପାର୍ସୀ ଭଦ୍ରଲୋକ ଜଣକ । ଏବଂ ସେଠିକାର ଯେତେକ ଲୋକ । ସେଇଠୁଁ ମୁହୂର୍ତ୍ତେ ଆଉ କିଛି ନଭାବି ସେ ବୁଲି ପଡ଼ିଲା, ଏବଂ ଧାଇଁଗଲା ତା' ନିଜର ଡିପୋ ଆଡ଼କୁ । ଯେତେଶୀଘ୍ର ପାରେ ।

ତା' ପରଦିନ ଚେମ୍ବୁର୍ ବସ୍‌ଷ୍ଟପ୍‌ରେ ସେ ଶୁଣିଲା, ମୋଟୀ ସ୍ତ୍ରୀଲୋକ ଜଣକ କହୁଛନ୍ତି କାହାକୁ; ''ଖୁସିର କଥା ଯେ ଡବଲ୍ ଫୋର୍ ଫେରିଆସିଛି ଆମ ପାଖକୁ ।''

Digitized by srujanika@gmail.com

ଡବଲ୍ ଫୋର୍ ପ୍ରକୃତରେ ଖୁସି ଥିଲା ଘରକୁ ଫେରି ଆସି । ଏବଂ ଏଇ ପଦକ ଶୁଣି ସେ 'ପେଁ-ପେଁ' କରି ବଜେଇଚାଲିଲା ତା' ହର୍ଣ୍ଣ, କେଜାଣି କେତେ ସମୟ ଯାଏଁ ।

ମୂଳ ଇଂରାଜୀ ରଚନା "Double Four, the Unhappy Bus" –ବିଶ୍ୱଜିତା ଦାସ । ଶିଶୁପତ୍ରିକା "Target" ରେ ପ୍ରକାଶିତ । ଏବଂ ପରେ ଦିଲ୍ଲୀର "Ratna Sagar Pvt. Ltd" ଙ୍କ ଦ୍ୱାରା ପ୍ରକାଶିତ "The Moon Beamed : Stories and Poems, Viswajita Das" ନାମକ ପୁସ୍ତକରେ ସଂଗୃହୀତ ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ ।

Digitized by srujanika@gmail.com

ଖାଲି ମାଠିଆ, ଭରା ଟୋକେଇ

ବୋଙ୍ଗା ଭୂତଟିଏ ଥିଲା ଗୋଟିଏ ସାନ୍ତାଳ ଗାଁକୁ ଲାଗି କରି ଥିବା ପୋଖରୀ ଭିତରେ । ଏବଂ ଅଧିକାଂଶ ବୋଙ୍ଗାମାନଙ୍କ ପରି ସେ ମଧ୍ୟ ଥିଲା ଗୋଟିଏ ଶାନ୍ତଶିଷ୍ଟ ଭୂତ । ଅନେକ ବର୍ଷ ଧରି ସେ ରହିଥିଲା ସେଠି, କାହାରି କିଛି ଅନିଷ୍ଟ ନ କରି । ହେଲେ, ଦିନେ ତା'ର ଇଚ୍ଛା ହେଲା ବାହା ହେବା ପାଇଁ ।

ଅବଶ୍ୟ ସେଥିରେ କିଛି ଆଶ୍ଚର୍ଯ୍ୟ ହେବାର ନଥିଲା । ବୋଙ୍ଗାମାନେ କ'ଣ ବାହା ହୁଅନ୍ତେ ନାହିଁ ମଣିଷମାନଙ୍କ ପରି ? କିନ୍ତୁ ଅସୁବିଧାର କାରଣ ହେଉଛି ଏଇ ଯେ ଆମ ବୋଙ୍ଗାଟିର ମନ ହେଲା ଗୋଟିଏ ସାନ୍ତାଳୀ ଝିଅକୁ ବାହା ହେବା ପାଇଁ !

ପ୍ରତ୍ୟେକ ଦିନ ସେ ଦେଖେ ସେଇ ଗାଁର ଝିଅମାନଙ୍କୁ, ଯେଉଁମାନେ ପୋଖରୀ କୂଳକୁ ଆସନ୍ତି, କାଖରେ ମାଠିଆ ଧରି । ସେଥିରେ ପାଣି ଭରି ନେବା ପାଇଁ । ସେମାନେ ତାକୁ ସୁନ୍ଦର ଦିଶନ୍ତି । ଏବଂ ଯେତେ ଦେଖିଲା ସେ ତାଙ୍କୁ, ତା'ର ମନ ସେତିକି ଉଚ୍ଚାଟ ହୋଇଉଠିଲା, ସେଥିରୁ ଜଣକୁ ବାହା ହୋଇ ଘରକୁ ଆଣିବା ପାଇଁ । ଶେଷକୁ ଆଉ ଅପେକ୍ଷା କରି ହେଲା ନାହିଁ ।

ଏବଂ ସେ ଗୋଟାଏ ପ୍ଲାନ୍ ତିଆରି କଲା ତା' ମନେମନେ ।

ଗାଁ ଝିଅମାନେ ତା' ପରଦିନ ବି ଆସିଲେ ପୋଖରୀରୁ ପାଣି ଭରିନେବା ପାଇଁ । ବୋଙ୍ଗା ତାଙ୍କୁ ନିରେଖି ଦେଖିଲା, ଜଣକ ପରେ ଜଣେ । ଏବଂ ଜଣକୁ ବାଛିଲା, ଯେ ସବୁଠୁଁ ସୁନ୍ଦରୀ ବୋଲି ମନେ ହେଲା ତା'ର । ଠିକ୍ କଲା, ତାକୁଇ ସେ ବାହା ହେବ । ତା' ନାଆଁ 'ପାଲୋ' ।

ଝିଅମାନେ ଯେତେବେଳେ ଘରକୁ ଫେରିବାକୁ ଆସିଲେ ତାଙ୍କ ମାଠିଆ ଭରିଗଲା ପରେ, ପାଲୋ ଆଶ୍ଚର୍ଯ୍ୟ ହେଲା ଯେ ତା' ମାଠିଆଟା ଆଗ ଭଳି ହାଲୁକା ଲାଗୁଛି । ସେ ଅନେଇଲା ତା' ଭିତରକୁ,

Digitized by srujanika@gmail.com

ଏବଂ ଦେଖିଲା ଯେ ମାଠିଆ ଖାଲି । ପାଲୋ ମୁଣ୍ଡ ହଲେଇଲା ତା' ଆଖିକୁ ବିଶ୍ୱାସ କରି ନ ପାରି । କହିଲା ମୋ'ର ସ୍ପଷ୍ଟ ମନେ ଅଛି, ମୁଁ ବି ପାଣି ଭରିଥିଲି ମୋ' ମାଠିଆରେ । ଯାହାହେଉ ସେ ଫେରିଗଲା ପୋଖରୀକୂଳକୁ ପୁଣି ଥରେ ପାଣି ଭରି ଆଣିବା ପାଇଁ । ଏବଂ ତା' ସାଙ୍ଗମାନେ କିଛି ଦୂରରେ ଅପେକ୍ଷା କରି ରହିଲେ ତା' ପାଇଁ, ଗୋଟିଏ ଗଛର ଛାଇ ତଳେ ।

ପାଲୋ ତା' ମାଠିଆକୁ ପାଣିରେ ପୂରେଇଲା, ପୋଖରୀର ଦାଢ଼ରେ ଠିଆ ହୋଇ । କିନ୍ତୁ ତାକୁ ଉଠେଇ ଆଣିଲା ପରେ ଦେଖେ ଯେ ମାଠିଆ ତଥାପି ଖାଲି । ସେଇଠୁଁ ପାଲୋ ନିଜେ ପଶିଲା

Digitized by srujanika@gmail.com

ପୋଖରୀ ଭିତରକୁ । ପାଣି ଆସିଲା ତା' ଗୋଡ଼ର ଭଣ୍ଡାଯାଏଁ । କିନ୍ତୁ ମାଠିଆରେ ପାଣି ଭରି ଉପରକୁ ଆଣିଲା ପରେ ଦେଖେ ଯେ ଯୋଉ କଥାକୁ ସେଇ କଥା । ମାଠିଆ ତଥାପି ଖାଲି ! ପାଲୋ ଆହୁରି ଗଭୀରକୁ ଗଲା୍ ଏଥର । ପାଣି ଆସିଲାଣି ତା'ର ଆଣ୍ଠୁ ଯାଏଁ । ଏବଂ ମାଠିଆକୁ ପୂରାପୂରି ବୁଡ଼େଇ ଦେଲା ପାଣି ଭିତରେ । ହେଲେ, ତାକୁ ଉଠାଇ ଆଣି ଦେଖେ ଯେ ଟୋପାଏ ପାଣି ନାହିଁ ତା' ଭିତରେ । ସେଇଠୁଁ ସେ ଗଲା ଆହୁରି ଗଭୀରକୁ । କିନ୍ତୁ ସବୁଥର ସେଇ ଏକା କଥା । ଶେଷକୁ ସେ ପହୁଞ୍ଚିଲା ଯାଇଁ ପୋଖରୀର ମଝିଆମଝି, ଆଉ ପାଣି ଆସିଲାଣି ତା' ବେକଯାଏଁ । ଏବଂ ମାଠିଆକୁ ବୁଡ଼େଇ ରଖିଲା ପାଣି ଭିତରେ କିଛି ସମୟ ପର୍ଯ୍ୟନ୍ତ । ତଥାପି ସେ ତାକୁ ଉଠେଇ ଆଣି ଦେଖେ ଯେ ମାଠିଆ ଖାଲି ।

ବର୍ତ୍ତମାନ ପାଲୋର ସନ୍ଦେହ ରହିଲା ନାହିଁ ଯେ କିଛି ଗୋଟାଏ ଗଣ୍ଡଗୋଳ ଅଛି ଏଥିରେ, ହୁଏତ ତା' ମାଠିଆର ଦୋଷ, କିମ୍ବା ପୋଖରୀର । ଅଥବା, ତା' ମନକୁ ଆସିଲା ଯେ ଇଏ କୋଉ ଭୂତର କାରବାର ହୋଇ ନଥିବ ବୋଲି କିଏ କହିବ ? ଏବଂ ଭାବୁ ଭାବୁ ତା' ଦେହ ଶୀତେଇ ଉଠିଲା । ଆଉ ସେ ନିଜକୁ କହିଲା, ଆରେ, ମୁଁ ଏଠି ଏକୁଟିଆ କ'ଣ କରୁଛି ପୋଖରୀର ମଝିଟାରେ ଠିଆ ହୋଇ ! ଏଡ଼େ ବୋକୀ ମୁଁ ! ଏତେ ହୀନସ୍ତା କରୁଛି ନିଜକୁ ମାଠିଆଏ ପାଣି ଆଣିବା ପାଇଁ ! ମାଠିଆ ଖାଲି ଥାଉ ପଛକେ ସେ ଘରକୁ ଫେରିଯିବ ବୋଲି ସ୍ଥିର କଲା ।

ପାଲୋ ବୁଲିପଡ଼ିଲା ଘରମୁହାଁ ହୋଇ । କିନ୍ତୁ ଅନେକ ଡେରି ହୋଇଗଲାଣି ସେତେବେଳକୁ । କାରଣ ବୁଲିପଡ଼ିଲା କ୍ଷଣି ବୋଙ୍ଗା ତା' ଗୋଡ଼କୁ ଧରି ଟାଣିଆଣିଲା ପୂରାପୂରି ପାଣି ଭିତରକୁ ।

ମାଠିଆ ପଛରେ ପଡ଼ିରହିଲା । ଭାସୁଥାଏ ପୋଖରୀ ଉପରେ ।

ଏଣେ ଗାଁ ଝିଅମାନେ ବ୍ୟସ୍ତ ହୋଇଉଠିଲେଣି, ପାଲୋର କାହିଁକି ଏତେ ଡେରି ହେଉଛି ବୋଲି । ଏବଂ ଫେରିଚାଲିଲେ ପୋଖରୀକୂଳକୁ । ଫେରିଲା ବେଳକୁ ଦେଖନ୍ତି ଯେ ପାଲୋ ପୋଖରୀର ମଝିରେ କିନି ଠିଆ ହୋଇଛି । ଏବଂ ହଠାତ୍ ସେ ତା' ହାତଟାଏ ଛିଞ୍ଚାଡ଼ି ଦେଇ ଅଦୃଶ୍ୟ ହୋଇଗଲା ପାଣି ଭିତରେ । ଛନକା ପଶିଲା ଝିଅମାନଙ୍କ ଛାତିରେ, କାରଣ ସେମାନେ ସାଙ୍ଗେ ସାଙ୍ଗେ ବୁଝିଲେ ଯେ ଇଏ ଗୋଟାଏ ବୋଙ୍ଗାର କାଣ୍ଡ ଛଡ଼ା ଆଉ କିଛି ନୁହେଁ ।

''ବୋଙ୍ଗା ! ବୋଙ୍ଗା !'' ବୋଲି ସେମାନେ ପାଟି କରିଉଠିଲେ, ଏବଂ ଗାଁକୁ ଫେରିଗଲେ. ଏଇ ଘଟଣା ବିଷୟରେ ସମସ୍ତଙ୍କୁ ଜଣାଇବା ଲାଗି ।

Digitized by srujanika@gmail.com

ପାଲୋର ବାପାମାଆ ମୁଣ୍ଡରେ ହାତ ବାଡ଼େଇ କାନ୍ଦିଲେ । 'ହାୟ ! ବୋଙ୍ଗାଟିଏ ଚୋରି କରି ନେଲା ଆମ ସୁନ୍ଦର ଝିଅକୁ !' ଏହି ଭାବରେ ବାହୁନିଲେ । ଗାଁବାଲାମାନେ ମଧ୍ୟ ମିଶିଗଲେ ସାଙ୍ଗରେ ଏବଂ ଶୋକ ମନେଇଲେ ।

''ଆଉ କ'ଣ କରିବା ଏଇକ୍ଷଣି ? ଝିଅ ଆମକୁ ଛାଡ଼ି ଚାଲିଗଲା ସବୁଦିନ ପାଇଁ ।''

''ନା ନା, ତା' ହେବ ନାହିଁ'' ଗାଁବାଲାମାନେ ପ୍ରତିବାଦ କଲେ, ''ଓଝାକୁ ଡକାଯାଉ । ବୋଙ୍ଗାଠାରୁ ବେଶି ଶକ୍ତି ଅଛି ଓଝାର ।''

ସେଇଠୁଁ ଓଝାକୁ ଡକାହେଲା, ଏବଂ ତା' ସାଙ୍ଗରେ ସମସ୍ତେ ମିଶିକରି ଗଲେ ପୋଖରୀ କୂଳକୁ । ଓଝା ତୁଠରେ ବସି ଛୋଟିଆ ନିଆଁଟିଏ ଜଳେଇଲା, ଏବଂ ମନ୍ତ୍ର ପଢ଼ିବାକୁ ଲାଗିଲା । ଏବଂ ବୋଙ୍ଗାକୁ ହୁକୁମ୍ କଲା ପରି, ''କହ ! କହ ତୁ କାହିଁକି ପାଲୋକୁ ହରଣଚାଳ କରି ନେଇଗଲୁ !''

ଗୋଟିଏ ସ୍ୱର ଉଠିଲା ପୋଖରୀର ଗହୀର ଭିତରୁ ''ତାକୁ ବାହା ହେବା ପାଇଁ, ତାକୁ ବାହା ହେବା ପାଇଁ, ବାହା ହେବା ପାଇଁ ।''

ଗାଁବାଲାମାନେ ତାଟକା ହୋଇଗଲେ । ଏଭଳି ଅସମ୍ଭବ ଘଟଣା ଘଟି ନଥିଲା କେବେ ହେଲେ, ଏଥିପୂର୍ବରୁ ।

ଓଝା ବୋଙ୍ଗାକୁ ବୁଝେଇଲା ଯେ ସେ ଗୋଟାଏ ମସ୍ତବଡ଼ ଭୁଲ୍ କରୁଛି ମଣିଷଙ୍କ ଭିତରୁ ଜଣକୁ ବାହା ହୋଇ । କିନ୍ତୁ ସେଥିରେ କିଛି ଲାଭ ହେଲା ନାହିଁ । ସେଇଠୁଁ ତାକୁ ନାନାଭାବରେ ଫୁସୁଲେଇଲା, ଏବଂ ଅନୁରୋଧ କଲା ପାଲୋକୁ ଫେରାଇଦେବା ପାଇଁ । କିନ୍ତୁ ବୋଙ୍ଗା ଅଡ଼ି ବସିଲା ଯେ ସେ ପାଲୋକୁ ଛାଡ଼ିପାରିବ ନାହିଁ । ଅଗତ୍ୟା ସେମାନେ ହତାଶ ହୋଇ ଫେରିଆସିଲେ ଗାଁକୁ ।

କେତେ ମାସ ବିତିଗଲା ଏମିତି । ବୋଙ୍ଗା ଗୋଟିଏ ଅନୁଗତ ସ୍ୱାମୀ ଥିଲା ଏବଂ ପାଲୋକୁ ସୁଖରେ ରଖିଥିଲା । ଏବଂ ଯଦିଓ ପାଲୋ ପ୍ରଥମେ ପ୍ରଥମେ ବୋଙ୍ଗାକୁ ପସନ୍ଦ କରୁ ନଥିଲା, ସେ କ୍ରମଶଃ ତା' ପ୍ରତି ଆକୃଷ୍ଟ ହେଲା ତା'ର ବ୍ୟବହାର ଯୋଗୁଁ । କିନ୍ତୁ ସେ ଯେତେ ବେଶି ଭଲପାଇଲା ବୋଙ୍ଗାକୁ, ସେତିକି ଝୁରି ହେଲା ତା'ର ବାପମାଆ ଓ ନିଜ ଲୋକମାନଙ୍କୁ । ଏବଂ ସେମାନଙ୍କୁ ତା' ସୁଖରେ ଭାଗୀ କରିବାକୁ ଚାହିଁଲା । ବୋଙ୍ଗା ସାଙ୍ଗରେ ଲଗେଇଲା ଯେ ମୋତେ ସେଠିକି ନେଇ ଚାଲ, ମୁଁ ତାଙ୍କ ସାଙ୍ଗରେ ଦେଖା କରି ଆସିବି । ବୋଙ୍ଗା ତାକୁ ଏତେ ଭଲପାଉଥିଲା ଯେ ତା'ର ଅଳି ଉପରୋଧକୁ ଟାଳି ଦେଇ ପାରିଲା ନାହିଁ ।

Digitized by srujanika@gmail.com

ସେଇଠୁଁ ଦିନେ ଭଲ ପାଗଯୋଗ ଦେଖି ବୋଙ୍ଗା ଓ ପାଲୋ ବାହାରିଲେ ପୋଖରୀ ଭିତରୁ, ଏବଂ ଗଲେ ପାଲୋର ବାପମାଆଙ୍କ ସାଙ୍ଗରେ ଦେଖା କରି ଆସିବେ । ସାଙ୍ଗରେ ଗୋଟାଏ ବଡ଼ ଟୋକେଇରେ ହଳଦୀ ମସଲାରେ ରନ୍ଧା ହୋଇଥିବା ଭାତ ଓ କାକରା ପିଠା ଭର୍ତ୍ତି କରି ନେଲେ ସେମାନଙ୍କୁ ସର୍ଘୁଲିବା ପାଇଁ ।

ଝିଅକୁ ଦେଖି ଆନନ୍ଦରେ ଆତ୍ମହରା ହୋଇଉଠିଲେ ପାଲୋର ବାପମାଆ । କିନ୍ତୁ ତାଙ୍କର ଖୁସି ତିଷ୍ଠି ରହି ପାରିଲା ନାହିଁ ବେଶି ସମୟ ଯାଏଁ, ଯେତେବେଳେ ସେମାନେ ଦେଖିଲେ ଯେ ପାଲୋ ପୂରାପୂରି ବୋଙ୍ଗାର ଅକ୍ତିଆରରେ ରହିଛି । ଏବଂ ସେ ବିଷୟରେ ତାଙ୍କର ସନ୍ଦେହ ରହିଲା ନାହିଁ ଯେତେବେଳେ ସେମାନେ ଟୋକେଇଟାକୁ ଖୋଲି କରି ଦେଖିଲେ ଯେ ସେଥିରେ କାକରାପିଠା କି ହଳଦୀଭାତର ଚିହ୍ନବର୍ଣ୍ଣ ନାହିଁ । କିନ୍ତୁ ଭରା ଟୋକେଇରେ ଆଉ କିଛି ଅଛି ତା' ବଦଳରେ । ତୁଚ୍ଛା ଗୋଡ଼ିମାଟି ଆଉ କାଦୁଅ ! ବୁଝିବାକୁ ବାକୀ ରହିଲା ନାହିଁ ଯେ ସେଇ ମାଟିକାଦୁଅ ସୁସ୍ୱାଦୁ ଖାଦ୍ୟ ବୋଲି ମନେ ହୋଇଛି ପାଲୋର, ବୋଙ୍ଗା ଭୂତର କିମିଆଁ ଯୋଗୁଁ ।

ତାଙ୍କ ଦାରୁଣ ଦୁଃଖ ସତ୍ତ୍ୱେ ସେମାନେ ଗୋଟିଏ ଭୋଜିଭାତର ବ୍ୟବସ୍ଥା କଲେ ଝିଅଜ୍ୱାଇଁଙ୍କ ଖାତିର୍‌ରେ, ଏବଂ ଅନେକ ବନ୍ଧୁବାନ୍ଧବ ଓ ସାହିପଡ଼ିଶାଙ୍କୁ ନିମନ୍ତ୍ରଣ କରାଗଲା ସେଥିରେ ଯୋଗ ଦେବା ଲାଗି । କିନ୍ତୁ ଖିଆପିଆ ଓ ମଉଜମଜ୍‌ଲିସ୍ ଚାଲିଥିଲା ବେଳେ ସେମାନେ ଚୁପ୍‌କିନି ଡକେଇ ପଠେଇଲେ ଓଝାକୁ । ଓଝା ଗୋଟାଏ ଔଷଧ ଦେଲା ବୋଙ୍ଗାର ପିଉଥିବା ଗ୍ଲାସରେ ଗୋଳେଇ ଦେବା ପାଇଁ ତା'ର ଅଜାଣତରେ । ଏବଂ ଦେଖୁଁ ଦେଖୁଁ ବୋଙ୍ଗାର ଆଖିକୁ ନିଦ ଆସିଗଲା, ଆଉ ସେ ଶୋଇପଡ଼ିଲା ଅଚେତ ହେଲାପରି ।

ସେଇଠୁଁ ଗାଁଲୋକେ ବୋଙ୍ଗାକୁ ଟେକି ଟେକି ନେଇଗଲେ ପୋଖରୀକୁ, ଏବଂ ତାକୁ ଫିଙ୍ଗି ଦେଲେ ତା' ଭିତରେ ।

ପାଲୋ କାନ୍ଦିଲା ଏକଥା ଶୁଣିଲାରୁ । ଏବଂ କାନ୍ଦିଚାଲିଲା । ତଥାପି ଦୃଢ଼ ବିଶ୍ୱାସ ଥିଲା ପାଲୋର ବାପମାଆଙ୍କ ମନରେ ଯେ ତା'ର ଭୂତ ସ୍ୱାମୀ ଯେଉଁ ମାୟା ଜାଲ ବିଛେଇଥିଲା ତାଙ୍କ ଝିଅ ଉପରେ, ସେ ସେଥିରୁ ଶୀଘ୍ର ଉଧୁରିଆସିବ । କିନ୍ତୁ ସେମିତି ହେଲା ନାହିଁ । ପାଲୋ ଆହୁରି ଆହୁରି ଝୁରିବାକୁ ଲାଗିଲା ତା' ସ୍ୱାମୀକୁ । ଏବଂ ଭାବି ହେଲା ନାହିଁ ଯେ ଇଏ କେଉଁ ଯାଦୁବିଦ୍ୟାର କୁପ୍ରଭାବ ହୋଇଥିବ ।

Digitized by srujanika@gmail.com

ଯାହାହେଉ, କଥାଟା ପ୍ରକୃତରେ କ'ଣ ବୋଲି ଜାଣି ହେଲା ନାହିଁ । କିନ୍ତୁ ଦିନେ ଦେଖାଗଲା ଯେ ପାଲୋ ଉଭାନ୍ ହୋଇଯାଇଛି, ହେଲେ ତା'ର ପାଦଚିହ୍ନ ପଡ଼ିଛି ପୋଖରୀ କୂଳରେ । ଗାଁବାଲାଙ୍କ ଧାରଣା ଯେ ସେ ଯାଇଛି ପୋଖରୀ ଭିତରକୁ, ଏବଂ ସୁଖରେ ଘର କରି ରହିଛି ଏହିକ୍ଷଣି ତା'ର ସ୍ୱାମୀ ସାଙ୍ଗରେ ।

(ଗୋଟିଏ ସାନ୍ତାଳୀ ଲୋକକଥା ଉପରେ ଆଧାରିତ)

ମୂଳ ଇଂରାଜୀ ରଚନା "The Bonga Who Married A Mortal" – ବିଶ୍ୱଜିତା ଦାସ । ଇଂରାଜୀ ଶିଶୁପତ୍ରିକା "Target"ରେ ପ୍ରକାଶିତ । ନୂଆ ଦିଲ୍ଲୀର "Ratna Sagar Pvt. Ltd"ଙ୍କ ଦ୍ୱାରା ପ୍ରକାଶିତ "The Moon Beamed : Stories and Poems, Viswajita Das" ନାମକ ପୁସ୍ତକରେ ସଂଗୃହୀତ ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ ।



Digitized by srujanika@gmail.com

ଟିକି ହରିଣର ଶିଙ୍ଗ

''ଉଃ ! ...ଉଃ ! ...ଉଃ !...''

ଟିକି ହରିଣକୁ ଭାରି କଷ୍ଟ ହେଉଥିଲା ସେଦିନ ସକାଳେ, ନିଦରୁ ଉଠିଲା ବେଳକୁ ।

''ଆଃ ! ...ଆଃ !! ...ଉଃ ! ...ଉଃ !!...'' ଖାଲି ଏଇଆ ତା' ପାଟିରୁ ବାହାରୁଥିଲା । କାହିଁକିନା ତା' ମୁଣ୍ଡ ବିନ୍ଧୁଥିଲା । ମନେ ହେଉଥିଲା ଯେ ଏଭଳି ମୁଣ୍ଡବ୍ୟଥା ସେ ଭୋଗି ନ ଥିଲା ଏଥିପୂର୍ବରୁ । ସେଇଠୁଁ ସେ ଡାକ ଛାଡ଼ିଲା ତା' ମାଆକୁ ''ବୋଉଲୋ ମୋ' ମୁଣ୍ଡ ଏମିତି ବିନ୍ଧୁଛି ଯେ ଫାଟି ଦି'ଖଣ୍ଡ ହୋଇଯିବ । କ'ଣ ହୋଇଛି ମୋ'ର ?''

ମାଆ ହରିଣୀ କୁନି ପୁଅର ମୁଣ୍ଡକୁ ଦେଖି ହସିଉଠିଲେ । କହିଲେ, ''ଆରେ ଦେଖୁଛି, ଦି'ଟା ଗୁମୁଗୁମିଆ ଗୋଜ ବାହାରିଛି । ଯୋଡ଼ାଏ ଶିଙ୍ଗ ଉଠୁଛି ପରା ସେ ମୁଣ୍ଡରେ ?''

''ଶିଙ୍ଗ !'' ଟିକି ହରିଣ ଆନନ୍ଦରେ ଚିହାର କରିଉଠିଲା ।'' ଆମ ବଡ଼ ମଉସା ଯେମିତିକା ଶିଙ୍ଗ ପାଇଛନ୍ତି, ତା'ରି ପରି ?''

''ଧ୍ୟାତ୍ ! ସେ କେତେ ବଡ଼ ହେଲେଣି । କେଜାଣି କେତେ ଶିଙ୍ଗ ବଢ଼ିଲା ଆଉ ଛିଡ଼ିଲା ପରେ ଯାଇଁ ଏଇ ଦି'ଟା ଠିଆ ହୋଇ ରହିଛି ତାଙ୍କର । ତାକୁ କୁହନ୍ତି ଜ୍ଞାନଶିଙ୍ଗ ଆମ ହରିଣକୁଳରେ । ସମସ୍ତଙ୍କୁ ମିଳେ ନାହିଁ ସେମିତିକା ଶିଙ୍ଗ । ଚାଲ୍, ମୁଁ ତୋତେ ନେଇଯିବି ତାଙ୍କ ପାଖକୁ, ଆଉ ସେ ତୋତେ ବତେଇବେ କିଛି, ତାଙ୍କ ଜ୍ଞାନ ବିଷୟରେ ।''

Digitized by srujanika@gmail.com

ସେଇଠୁଁ ଟିକି ହରିଣ ଗଲା ମଉସାଙ୍କ ବିଖ୍ୟାତ ସ୍କୁଲକୁ, ଯେଉଁଠି ସେ ଅନ୍ୟମାନଙ୍କୁ କୁହନ୍ତି କେମିତି ସେ ତାଙ୍କ ଜ୍ଞାନ ହାସଲ କଲେ, ଏବଂ ତା'ରି ବଳରେ ସେ ଏଭଳି ଦି'ଟା ଚମତ୍କାର ଶିଙ୍ଗର ଅଧିକାରୀ ହୋଇପାରିଛନ୍ତି । ଏବଂ ସେ ବୁଝିନେଲା ସେଇ ଜ୍ଞାନର ଯେତେକ ଭେଦ ।

ବୁଝିଲା କେମିତି ପବନ ଆଡ଼କୁ ମୁହଁ କରିଥିବ ଜଙ୍ଗଲରେ ଘୂରି ବୁଲିଲା ବେଳେ, ଯେମିତିକି ଶତ୍ରୁମାନଙ୍କ ଦେହର ଗନ୍ଧ ବାରି ହୋଇଯିବ, ହେଲେ ତମ ନିଜ ଦେହର ଗନ୍ଧ ମିଳିବ ନାହିଁ ସେମାନଙ୍କୁ । କିନ୍ତୁ ବୁଝିଲେ କ'ଣ ହେବ, ତା'ର ମନ ହୁଏ, ବେଳେବେଳେ, ପବନ ଆଡ଼କୁ ପିଠି କରି ବୁଲିବ । ଦେଖିବା କ'ଣ ହେଉଛି, ଏହି ଭାବରେ । ଏବଂ ତା' ମନକୁ ଆସେ–କାହିଁ, ସେମିତି କିଛି ଘଟୁନାହିଁ ତ ?

ଟିକି ହରିଣ ମଧ୍ୟ ଶିଖିଯାଇଥିଲା କେମିତି କାନ ଦି'ଟାକୁ ଡେରିବାକୁ ହୁଏ ଅତି ହାଲୁକା ଓ ସାମାନ୍ୟ ବୋଲି ମନେ ହେଉଥିବା ଶବ୍ଦ ଶୁଣିବା ଲାଗି, ଯେଉଁଥିରୁ କିଛି ବିପଦ ଆସୁଛି କି ନାହିଁ ବୋଲି

Digitized by srujanika@gmail.com

ଅନୁମାନ କରିହେବ । ବୁଝିଯାଇଥିଲା ଯେ କେବଳ ଏଇସବୁ ପୋଖରୀରୁ ପାଣି ପିଇବା କଥା, ଅନ୍ୟ କେଉଁ ପୋଖରୀରୁ ନୁହେଁ । ଇତ୍ୟାଦି ।

ଟିକି ହରିଣ ମଧ ଜାଣିଲା ଯେ ଗୋଠରୁ ବେଶି ଦୂରକୁ ଚାଲିଯିବାର ନୁହେଁ । ତଥାପି ତା'ର ମନ ହୁଏ, ମଝିରେ ମଝିରେ, ଦୂରେଇ ଯିବାକୁ । 'ଦେଖିବା, କଣ ହଉଛି' ବୋଲି ।

କିନ୍ତୁ ଗୋଟାଏ ବଡ଼ ଘଟଣା ଘଟିବାକୁ ଥିଲା ସେଦିନ !

କ'ଣ ହେଲାକି, ଦିନେ ଜଙ୍ଗଲରେ ବୁଲୁବୁଲୁ ସେ ବେଶ୍ କିଛି ଦୂରକୁ ଚାଲିଯାଇଥିଲା । ଏବଂ କେହି ହେଲେ ଜାତିଭାଇ ନଥିଲେ ତା' ପାଖରେ । ସେଇଠୁଁ ସେ ଦେଖିଲା କେତେ ନୂଆ ଗଛ ଆଉ ଲତାପତରର ଗହଳି । ସେସବୁ ବେଶି ଶାଗୁଆ ଦିଶିଲା ତା' ଆଖିକୁ । ତେଣୁ ସେ ଭାବିଲା ଯେ ଇଏ ଅନେକ ଅଧିକ କଅଁଳିଆ ଆଉ ରସୁଆଳ ହୋଇଥିବ ନିଶ୍ଚୟ । ସେଇଠୁଁ ସେ ଗୋଟିଏ ବୁଦା ପାଖକୁ ଯାଇ ପତର କେଇଟାକୁ ଚୋବେଇବାକୁ ଲାଗିଲା । ରସଭଣ୍ଡାରରେ ମୁହଁ ଲଗେଇ ତାକୁ ଚାଖିଲା ପରି । ଇସ୍ !



Digitized by srujanika@gmail.com

ସତରେ କେତେ ବଢ଼ିଆ ! ଟିକି ହରିଣ ଆହୁରି ବି' ଖୋଜ ଆଗେଇ ଗଲା, ବଛା ବଛା କଅଁଳିଆ ପତରର ସୁଆଦ ପାଇବା ଲାଗି । ସେଇଠୁଁ ହଠାତ୍–

ଖପାସ୍ !

କିଏ ଗୋଟାଏ ତା' ଗୋଡ଼କୁ ଜାବୁଡ଼ି ଧରିଛି ବୋଲି ମନେ ହେଲା ତା'ର । ଗୋଟାଏ ନିଦା, ଟାଣୁଆ, ଆଉ ଥଣ୍ଡା ଜିନିଷ । ସେ ଭିଡ଼ିଓଟାରି ହେଲା ତା' ମୁଠାରୁ ଖସି ଆସିବା ପାଇଁ, କିନ୍ତୁ ପାରିଲା ନାହିଁ । କାରଣ ସିଏ ଥିଲା ଗୋଟାଏ ଯନ୍ତା, ଯାହାକୁ କୋଉ ଶିକାରୀ ବସେଇଥିଲା ସେଠି, ତା'ରି ପରି ଲୋଭୀ ଜନ୍ତୁମାନଙ୍କୁ ଧରିବ ବୋଲି । ଯନ୍ତ୍ରଣାରେ ଚିହାର କରି ଉଠିଲା ଟିକି ହରିଣ । ଏବଂ ତା'ର ମନେ ପଡ଼ିଲା ଯେ ମଉସା ତାକୁ ସାବଧାନ କରି ଦେଇଥିଲେ ଏଇ ବିଷୟରେ, ଠିକ୍ ଏମିତି ହୋଇପାରେ ।

ମଉସା ! ତମେ ଥାଆନ୍ତ ନାହିଁ ଏଠି ? କିନ୍ତୁ ତାଙ୍କ କଥା ମନେ ପଡ଼ିଲାରୁ ତାକୁ ଆହୁରି କାନ୍ଦ ଲାଗିଲା । ବିକଳରେ ଆହୁରି କାନ୍ଦିଲା ଓ ଚିହାର କଲା ଟିକି ହରିଣ । କିନ୍ତୁ କିଛି ଲାଭ ହେଲା ନାହିଁ ସେଥିରେ । କାରଣ କେହି ନଥିଲେ ସେଠି, ତା' ଡାକ ଶୁଣିବା ପାଇଁ ।

କାହିଁକି ଭଲା ମୁଁ ତମ କଥା ଶୁଣିଲି ନାହିଁ ? ଏହି ଭାବରେ ସେ ପସ୍ତେଇ ହେଲା । ଏବଂ ଭାବିଲା, ଆଉ ଗୋଟାଏ ସୁଯୋଗ ମିଳନ୍ତା ନାହିଁ ମୋତେ, ଯେମିତିକି ମୁଁ ଦେଖେଇ ଦେଇ ପାରନ୍ତି ଯେ ମୁଁ ବି କିଛି ଜ୍ଞାନ ପାଇଛି ତମଠାରୁ !

ତା'ର ବୁକୁଫଟା କାନ୍ଦଣା ସରୁ ନଥାଏ । କିନ୍ତୁ ଶେଷକୁ ସେ ବୁଝିଲା ଯେ କାନ୍ଦିକାଟି ଲାଭ ନାହିଁ କିଛି । ସେଇଠୁଁ ସେ ଭାବିଲା, ଭାବିହେଲା–ମଉସା ମୋତେ ଆଉ କିଛି କହିଛନ୍ତି କି, ଏଇ ଯନ୍ତା ବିଷୟରେ ? ହଁ-ହଁ ! ତା'ର ମନେ ପଡ଼ିଲା ଗୋଟାଏ ବିଚିତ୍ର କଥା, କିଛି ସମୟ ପରେ ।

ସେଇଠୁଁ ଟିକି ହରିଣ ନୀରବ ନିସ୍ତେଜ ହୋଇ ପଡ଼ିରହିଲା ସେଠି । ସତେକି ତା' ପିଣ୍ଡରେ ପ୍ରାଣ ନାହିଁ ଆଉ, ସେ ମରିଯାଇଛି ।

ପୂରା ଦିନୁଟାଏ ବିତିଗଲା ଏମିତି । ଅନ୍ୟ ଜନ୍ତୁମାନେ ତା' ପାଖ ମାଡ଼ିଲେ ନାହିଁ । କ'ଣ ଲାଭ ମିଳିବ ଗୋଟାଏ ମଡ଼ା ପାଖକୁ ଯାଇ ? ଏପରିକି ମାଛିମାନେ ବି' ବ୍ୟସ୍ତ କଲେ ନାହିଁ ତାକୁ ।

ଶିକାରୀ ଆସି ପହଞ୍ଚିଲା ତା' ପରଦିନ, ଆଉ ସେ ବି ବୁଝିଲା ଯେ ହରିଣଟା ମରିଯାଇଛି । ସେଇଠୁ ସେ ନିଜକୁ କହିଲା–"ବେଶ୍ ! ତା ହେଲେ ମୁଁ ତାକୁ ଏଇଠି ବସି ପୋଡ଼ିକରି ଖାଇବି ।

Digitized by srujanika@gmail.com

ସେହେତୁ ସେ ଯନ୍ତା ଖୋଲିଦେଲା ଏବଂ ବାହାରିଗଲା ବନସ୍ତ ଭିତରକୁ କିଛି ଜାଳେଣି କାଠ ଗୋଟେଇ ଆଣିବା ଲାଗି । ଯାହାକୁ ସେ ଜଳାଇବ, ହରିଣଛୁଆକୁ ପୋଡ଼ି ଖାଇବା ପାଇଁ ।

ଟିକି ହରିଣ ଅପେକ୍ଷା କଲା କିଛି ସମୟ, ଶିକାରୀ ଟିକେ ଦୂରକୁ ଚାଲିଯିବାଯାଏ । ସେଇଠୁଁ ଠିଆକଲା ତା' କାନ ଦି'ଟାକୁ ଆଉ ତା'ପରେ କୁଦାଟିଏ ମାରି ଚମ୍ପଟ ।

''ହେଇ ! ହେଇ !'' ଶିକାରୀ ପାଟି କରି ଉଠିଲା । ତା'ର ଏହି ପଳେଇବା ଦୃଶ୍ୟ ଦେଖି, ଆଶ୍ଚର୍ଯ୍ୟ ହୋଇ, ଏବଂ ଗୋଡ଼େଇଲା ତା' ପଛରେ । କିନ୍ତୁ କେଉଁଠୁ ସେ ଭଲା ଦୌଡ଼ରେ ଜିଣିପାରିବ ହରିଣକୁ, ସେ ଛୁଆଟା ହେଉ ପଛେ ?

ଟିକି ହରିଣ ଛୁଟି ପଳେଇଲା ପବନକୁ ମୁହଁ କରି, ଘନବନସ୍ତର କେତେ ଛୋଟ ପୋଖରୀ ପାରି ହୋଇ । ଥରୁଟିଏ ମାତ୍ର ଅଟକିଥିଲା ଗୋଟିଏ ପୋଖରୀକୂଳରେ ପାଣି ମୁନ୍ଦିଏ ପିଇବ ବୋଲି । ଏବଂ ଦେଖିଲା ତା' ନିଜର ପ୍ରତିବିମ୍ବ । ଦେଖିଲା ଯେ ସତକୁ ସତ ଯୋଡ଼ାଏ ଶିଙ୍ଗ ଗଜୁରି ଉଠୁଛି ତା' ମୁଣ୍ଡରେ !

ଏତେ ଖୁସି ଲାଗିଲା ଟିକି ହରିଣକୁ ତା'ର ଏଇ ନୂଆ ଚେହେରା ଦେଖି, ସେ ଗୀତଟାଏ ବି ଛାଡ଼ିଦେଲା ଦୌଡ଼ିବା ସାଙ୍ଗକୁ । ଏବଂ ତା'ର ତର ସହିଲା ନାହିଁ ଆପଣା ଗୋଠରେ ମିଶିଯିବା ଲାଗି ।

ମୂଳ ଇଂରାଜୀ ଲେଖା "The Little Dear and The Trap"–ବିଶ୍ୱଜିତା ଦାସ । ଗୋଟିଏ ବୌଦ୍ଧ ଜାତକ ଉପାଖ୍ୟାନ ଉପରେ ଆଧାରିତ । "Target" ପତ୍ରିକାର ଜାନୁଆରୀ ସଂଖ୍ୟାରେ ପ୍ରକାଶିତ । ଏବଂ ଦିଲ୍ଲୀର "Ratna Sagar Pvt. Ltd"ଙ୍କ ଦ୍ୱାରା ପ୍ରକାଶିତ "The Moon Beamed : Stories and Poems, Viswajita Das" ନାମକ ପୁସ୍ତକରେ ସଂଗୃହୀତ ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ ।

Digitized by srujanika@gmail.com

ଗୋଟିଏ ଝଡ଼ରାତିର କାହାଣୀ



ବାହାରେ ଭୀଷଣ ଝଡ଼ ସେଦିନ ରାତିରେ, ଏବଂ ମୁଁ ଘରେ ଏକୁଟିଆ ଥିଲି ।

କେହିହେଲେ ଏହି ସମୟରେ ରହିବା କଥା ମୋ' ପାଖରେ । ବିଶେଷତଃ ଏଇଥିପାଇଁ ଯେ ଆମ ଘର ଥିଲା ସହରସୀମାର ବାହାରେ, ଏବଂ ଆମର ସବୁଠାରୁ ପାଖ ପଡ଼ୋଶୀ ଥିଲେ ପ୍ରାୟ ଦେଢ଼ମାଇଲ୍ ଦୂରରେ । କିନ୍ତୁ ତା' ସମ୍ଭବ ହେଲା ନାହିଁ, କାରଣ ସେଦିନ ଗୋଟାଏ ଅଘଟଣ ଘଟିବାକୁ ଥିଲା ।

ମୋ' ବାପା ଜଣେ ଶିକାରୀ, ଏବଂ ସେ ପ୍ରାୟ ଚାଳିଶ ମାଇଲ୍ ଦୂରରେ ଥିବା ଜଙ୍ଗଲକୁ ଯାଇଥିଲେ ଶିକାର କରିବା ଲାଗି, ତାଙ୍କର କେତେଜଣ ବନ୍ଧୁଙ୍କୁ ସାଙ୍ଗରେ ଧରି । ଏବଂ ସେଇଦିନ ସକାଳେ ଆମେ ଖବର ପାଇଲୁ ଯେ ଗୋଟାଏ ବାଘ ଚଢ଼ଉ କରିଥିଲା ବାପାଙ୍କ ଉପରେ, ଏବଂ ତାଙ୍କୁ ବହୁତ ଖଣ୍ଡିଆଖାବରା କରିଦେଇଛି । ତାଙ୍କୁ ଏଇକ୍ଷଣି ଶୁଆଇ ରଖାହୋଇଛି ଜଙ୍ଗଲକୁ ଲାଗି କରି ଥିବା ଗୋଟିଏ କୁଡ଼ିଆ ଘରେ ।

ଶୁଣିଲାକ୍ଷଣି ମାଆ ଚାଲିଯାଇଥିଲେ ସେଠିକି । ପ୍ରଥମେ ସେ ମୋତେ ନେଇଯିବାକୁ କହିଥିଲେ ତାଙ୍କ ସାଙ୍ଗରେ । କିନ୍ତୁ ପରେ ସ୍ଥିର ହେଲା ଯେ ଜଣେ କେହି ଘରେ ରହିବା ଦରକାର, କାରଣ ମାମୁଙ୍କର ଆସିବାର ଅଛି । ସେ ଦିଲ୍ଲୀରୁ ସିଧା ଡ୍ରାଇଭ୍ କରି ଆସୁଛନ୍ତି ଏଠିକି ।

ହେଲେ, ଯିବା ପୂର୍ବରୁ ମାଆ ମୋତେ କହିଯାଇଥିଲେ, ଦଶ ବାର ଥର କି ତା'ଠୁଁ ବେଶି, ଯେ ମୁଁ ଦାଣ୍ଡକବାଟ ଖୋଲିବି ନାହିଁ କୌଣସି ଅଚିହ୍ନା ଲୋକ ପାଇଁ । ଏବଂ ମୁଁ ତା' କଥା ମାନିଥାଆନ୍ତି ନିଶ୍ଚୟ ।

Digitized by srujanika@gmail.com

କିନ୍ତୁ ମୋ' ଦିନଟା ସରିଲା ନାହିଁ ଏକୁଟିଆରେ । ଏବଂ ରାତି ହେଲାରୁ ମୋତେ ଆହୁରି ବ୍ୟସ୍ତ ଲାଗିଲା । କାରଣ ଗୋଟାଏ ଝଡ଼ ଆରମ୍ଭ ହୋଇଯାଇଥିଲା ଇତିମଧ୍ୟରେ । ପବନ ଗର୍ଜୁଥାଏ ବାହାରେ । ବିଜୁଳି ଚମକୁଥାଏ, ଆଉ ଘଡ଼ଘଡ଼ିରେ କାନ ଫାଟିଯିବ ବୋଲି ମନେ ହେଉଥାଏ ।

ଭୟରେ ମୋ' ଦେହ କମ୍ପି ଉଠୁଥାଏ । ଆଖିକୁ ନିଦ ଆସୁ ନଥାଏ । ଏବଂ ବାରମ୍ବାର ମୁଁ ଯାଇ ଦେଖି ଆସୁଥାଏ ଯେ ଘରର ସବୁ ଝରକା କବାଟ୍ ଠିକ୍‌ଭାବରେ ବନ୍ଦ୍ ହୋଇଛି କି ନାହିଁ ।

ସେଇଠୁଁ ଅଧରାତି ବେଳକୁ ଦାଣ୍ଡକବାଟକୁ କିଏ ଜଣେ ଖଟ୍‌ଖଟ୍ କରୁଛି ବୋଲି ମନେ ହେଲା । ଆସ୍ତେକିନି । ଭାବିଲି, ମାମୁ ହୋଇଥିବେ ପରା, ଏବଂ ଉଠିପଡ଼ିଲି କବାଟ ଖୋଲିଦେବା ଲାଗି । କିନ୍ତୁ

Digitized by srujanika@gmail.com

ସାଙ୍ଗେ ସାଙ୍ଗେ ମନେ ପଡ଼ିଲା, ବୋଉ ଯାହା ଚେତାଇ ଦେଇ ଯାଇଥିଲା ମୋତେ । ତେଣୁ ପାଟି କରି ଉଠିଲି–''କିଏ ସେ ?''

ଶୁଣିଲି ଗୋଟିଏ ବୁଢ଼ାର କଣ୍ଠସ୍ୱର । କହୁଛି ଧୀରେ ଧୀରେ, ''ଖୋଲି ଦେ' ପୁଅ । ମୁଁ ଗରିବ ସାଧୁଟିଏ । ମୁଁ ତୋ'ର କିଛି କ୍ଷତି କରିବି ନାହିଁ । ଆଶ୍ରୟ ଲୋଡୁଥିବା କାହାରିକୁ ଘରୁ ଫେରାଇଦେବାର ନୁହେଁ, ଏମିତିକା ରାତିରେ । ଏତେ ନିଷ୍ଠୁର ହେବୁ ନାହିଁ ।''

ଭାବିଲି ଯେ ମୁଁ ପ୍ରକୃତରେ ଏତେ ନିଷ୍ଠୁର ହୋଇପାରିବି ନାହିଁ । ସେଇଠୁଁ ମୁଁ କବାଟ ଖୋଲିଦେଲି, ଏବଂ ସେ ଆସିଲା ଘର ଭିତରକୁ । ଘଣ୍ଟାରେ ଠଂ ଠଂ ହୋଇ ବାରଟା ବାଜିଲା ଠିକ୍ ସେତିକିବେଳେ, ନିଶବ୍ଦ ରାତିକୁ ଚହଲେଇ ଦେଇ ।

ସତରେ ବୁଢ଼ା ସାଧୁଟିଏ । ସେ ମୋ' ମୁଣ୍ଡରେ ହାତ ବୁଲେଇ କହିଲେ, ''ଠାକୁରେ ଯେ ସବୁ ଦେଖନ୍ତି ଶୁଣନ୍ତି, ସେ ନିଶ୍ଚୟ ତୋ'ର ଭଲ କରିବେ । ତୋ'ର, ଆଉ ତୋ'ର ସବୁ ଆପଣା ଲୋକମାନଙ୍କର ।''

ସେଇଠୁଁ ସେ ତାଙ୍କର ଗଣ୍ଠିଲିଟିକୁ ଘରର ଗୋଟିଏ କୋଣରେ ରଖିଦେଇ ଚଟ୍‌କିନି ଲୋଟିଗଲେ ତଳେ, ଶୋଇବା ଲାଗି । ଆଉ ମୁଁ ମୋ' କମରାକୁ ଗଲି । ମୁଁ ବି ଶୀଘ୍ର ଶୋଇପଡ଼ିଲି ।

ସକାଳେ ନିଦରୁ ଉଠିଲା ପରେ ଦେଖିଲି ଯେ ଦାଣ୍ଡକବାଟ ଖୋଲା ଅଛି । ଏବଂ ସାଧୁଙ୍କର ଚିହ୍ନବର୍ଣ୍ଣ ନାହିଁ । ବୁଝିଲି ଯେ ସେ ବୋଧହୁଏ ବାହାରି ଚାଲିଗଲେଣି ମୋ'ର ଶୋଇଥିବା ଭିତରେ ।

ମୋ' ମାଆ ଫେରିଆସିଲେ ସେଇଦିନ ଉପରବେଳା ଏବଂ ତାଙ୍କ ମୁହଁକୁ ଦେଖିଲାକ୍ଷଣି ମୁଁ ଜାଣିଗଲି ଯେ ସବୁକିଛି ଠିକ୍ ଅଛି ।

ସେ ମୋତେ କହିଲେ ଯାହାସବୁ ଘଟିଯାଇଛି ରାତିରେ । କହିଲେ–

''ମୁଁ କୁଡ଼ିଆରେ ପହୁଁଞ୍ଚି ଦେଖିଲି ଯେ ତୋ' ବାପାଙ୍କ ଅବସ୍ଥା ପ୍ରକୃତରେ ଭାରି ଖରାପ । ଚେତା ନାହିଁ । ଆଉ ଧୀରେ ଧୀରେ ପ୍ରାଣ ଛାଡ଼ିଗଲା ପରି ମନେ ହେଉଛି । ମୁଁ ତାଙ୍କୁ ସାଙ୍ଗେ ସାଙ୍ଗେ ଗୋଟାଏ ପାଖ ଡାକ୍ତରଖାନାକୁ ନେଇଗଲି । ସେଠି ଡାକ୍ତରମାନେ ପାରୁପର୍ଯ୍ୟନ୍ତ ଚେଷ୍ଟା କଲେ ତାଙ୍କୁ ବଞ୍ଚେଇବା ପାଇଁ । କିନ୍ତୁ ସେମାନେ ବି ଆଶା ଛାଡ଼ିଦେଲେ ସଞ୍ଜ ବୁଡ଼ିଲା ବେଳକୁ । କହିଲେ, ଏଣିକି ସେ ହୁଏତ ବଞ୍ଚି ଉଠିବେ ତାଙ୍କ ନିଜ ମନର ଜୋର୍‌ରେ । ଆଉ କେହି କିଛି କରିପାରିବ ନାହିଁ ତାଙ୍କ ପାଇଁ ।

Digitized by srujanika@gmail.com

ରାତି ଘନେଇଲା । ଏଇକ୍ଷଣି ଖାଲି ବସିରହି ଭଗବାନଙ୍କୁ ଡାକିବା କଥା । କିନ୍ତୁ ହଠାତ୍ କେତେଘଣ୍ଟା ପରେ ଦେଖିଲି ଯେ ତାଙ୍କ ଜୀବନଟା ଫେରିଆସିଲା ପରି ଲାଗୁଛି । ରକ୍ତ ଚହଟି ଆସୁଛି ତାଙ୍କ ମୁହଁରେ, ଏବଂ ସେ ସହଜରେ ନିଃଶ୍ୱାସ ନେଇ ପାରୁଛନ୍ତି । ଆଉ ସନ୍ଦେହ ନାହିଁ, ସେ ଭଲ ହୋଇ ଆସୁଛନ୍ତି ! ଅତି ଆଚମ୍ବିତ ଥିଲା ସେଇ ଘଟଣା, ଯାହାକୁ କେବଳ ଭଗବାନଙ୍କ କୃପା ବୋଲି କୁହାଯିବ । ମୋ'ର ମନେ ଅଛି ସେଇ ମୁହୂର୍ତ୍ତ, ଯାହାକୁ ଭୁଲିବାର ନୁହେଁ...''

ମୁଁ ଜାଣିଥିଲି ! ମୁଁ ଜାଣିଥିଲି, ସେ ଯାହା କରିବେ ଏଇକ୍ଷଣି ।

''...କାରଣ ଘଣ୍ଟାରେ ଠଂ ଠଂ ହୋଇ ବାରଟା ବାଜିଲା, ଠିକ୍ ସେଇ ସମୟରେ ।''

ମୂଳ ଇଂରାଜୀ ଲେଖା "One Stormy Night" – ବିଶ୍ୱଜିତା ଦାସ । ଶଙ୍କରଙ୍କର "Children's World" ଶିଶୁ ପତ୍ରିକାର ନଭେମ୍ବର ୧୯୭୬ ସଂଖ୍ୟାରେ ପ୍ରକାଶିତ । ମଧ ଦିଲ୍ଲୀର ''ରତ୍ନା ସାଗର ପ୍ରାଇଭେଟ୍ ଲିମିଟେଡ୍''ଙ୍କ ଦ୍ୱାରା ପ୍ରକାଶିତ "The Moon Beamed : Stories and Poems, Viswajita Das" ନାମକ ପୁସ୍ତକରେ ସଂଗୃହୀତ ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ ।

Digitized by srujanika@gmail.com

କୁନି ମେଘ



କୁନି ମେଘଟିଏ । ସେ ଗୋଟାଏ ଗୀତ ଛାଡ଼ି ଦେଇଥିଲା ସେଦିନ । 'ବାହି ନେବି ନାଆ ମୋ'ର ନୀଳ ଆକାଶରେ', ଏଇ ଥିଲା ତା' ସଙ୍ଗୀତର ଘୋଷା । ଭାସି ଭାସି ଯିବି ନାହିଁ, ମୁଇଁ ବାହିନେବି ମୋ'ର ନାଆ । ହେଲେ, କେହି ମୋତେ ଅଟକେଇବେ ନାହିଁ । ଏଇଥିରେ ହିଁ ଆନନ୍ଦ !

ତା' ମନଟା ଉଚ୍ଚାଟ ହୋଇଉଠିଥିଲା । ଏଭଳି ସୁଯୋଗ ତାକୁ ମିଳି ନଥିଲା କେବେ । ସେ ଏଇକ୍ଷଣି ଏକୁଟିଆ ଏବଂ ସ୍ୱାଧୀନ । ଆଉ ଚେନାଏ କି ଚିରୁଡ଼ାଏ ମେଘ ଦିଶିବାକୁ ନାହିଁ କେଉଁଠି, ନିର୍ମଳ ସୁନ୍ଦର ନୀଳ ଆକାଶରେ । ନା ନା, ମୁଁ ଏକୁଟିଆ ନୁହେଁ, ସେ ଚେତାଇ ଦେଲା ନିଜକୁ । ସୂର୍ଯ୍ୟ ଉପରେ ଥାଇ ହସୁନାହାନ୍ତି କି ତାଙ୍କ ଉଜ୍ଜ୍ୱଳ ହସଟିଏ, ମୋ'ରି ଆଡ଼କୁ ଚାହିଁ । ଆଉ ପବନ ମୋ' ସାଙ୍ଗ ପରା ? ସେ ମୋତେ 'ଚା'ଲେ, ଚା'ଲେ' କହି ଆଗେଇ ନେଉ ନାହିଁ କି ?

'ବାହି ନେବି ନାଆ ମୋ'ର'... । ତା' ଗୀତ ସରିବାକୁ ନଥାଏ ।

ସେଇଦିନ ସକାଳେ ସେ ପହିଲିବାର ପାଦ କାଢ଼ିଥିଲା ତା' ଘରୁ, ବାହାରକୁ ଯିବ ବୋଲି ! ମନେ ପଡ଼ିଲା ମାଆ ତା'କୁ ବାରମ୍ବାର ବାରଣ କରି ଆସିଛି, ତା'ର ହମହମ ଦେଖି, ଯେ ଏତେ ଶୀଘ୍ର ଘର ଛାଡ଼ି ଯିବୁ ନାହିଁ । ମୋ' ପାଖେ ପାଖେ ଥିବୁ । ତଥାପି ତୁ ପିଲାଟିଏ ପରା ? ଆଉ ତୁ ଜାଣିନୁ, ଆମ ବଉଦ ଜୀବନଟା କେତେ ସୁକୁମାରିଆ । କେତେବେଳେ ଯେ କେଉଁଠି ହଜିଯିବ କହି ହେବ ନାହିଁ ।

'ଆଉ ବେଶି ତଳକୁ ଖସିବୁ ନାହିଁ ଟି ?' କାଳିଆ ଭାଇ ତାକୁ ସାବଧାନ କରି ଦେଇଥିଲା । 'ଥରେ ତଳେ ପଡ଼ିଗଲେ ତୁ ହୁଏତ ଆଉ ଉପରକୁ ଉଠିପାରିବୁ ନାହିଁ ।'

Digitized by srujanika@gmail.com

ଏଇ ସବୁ କଥା ତା'ର ମନେ ପଡ଼ିଯାଉଥିଲା । ମଧ୍ୟ ମାନିଲା ଯେ ସେ ନିଜେ ଟିକିଏ ଡରି ଯାଇଥିଲା କିଛି ସମୟ ଆଗରୁ । କିନ୍ତୁ ଏଇକ୍ଷଣି ତା'ର ଦମ୍ଭ ଆସିଗଲାଣି । ସେ ପ୍ରକୃତରେ ଖୁସି ଯେ ସେ ଘରୁ ବାହାରି ଆସିଛି ।

ହେଲେ, କୁନି ମେଘ ନିଜକୁ କହିଲା ଯେ ସେ ତା' ପରିବାରର ପରାମର୍ଶକୁ ଅମାନ୍ୟ କରିବାକୁ ଚାହେନାହିଁ । ମଧ୍ୟ ତା'ର ଇଛା ସେ ତାଙ୍କୁ ସୁଖ ଆଣିଦେବ ନିଜର କିଛି କୃତିତ୍ୱ ଦେଖାଇ । ପ୍ରକୃତରେ ସେଇଥିପାଇଁ ଗୋଟାଏ ଉଚ୍ଚାଭିଳାଷ ଗଜୁରି ଉଠିଥିଲା ତା' ମନରେ । ଯେ ସେ ଉତ୍କୃଷ୍ଟ ନାବିକଟିଏ ହେବ । ଏବଂ ତା'କୁ ମିଳିବ ଗୋଟାଏ ରୁପେଲି ଧଡ଼ି ମାର୍କା ପୋଷାକ । ସେ ଦେଖିଛି କେତେକ ନାମଜାଦା ମେଘ-ନାବିକଙ୍କୁ, ଯେଉଁମାନେ ପିନ୍ଧିଥାନ୍ତି ସେମିତିକା ପୋଷାକ । ଇସ୍, ମୁଁ କେତେ ସ୍ମାର୍ଟ୍ ଦେଖାଯାଆନ୍ତି, ସେଥିରୁ ଗୋଟାଏ ପିନ୍ଧିବାକୁ ପାଇଲେ ! କୁନି ମେଘ ଉଲ୍ଲସି ଉଠିଲା ସେଇ ରୁପେଲି ଭବିଷ୍ୟତର କଳ୍ପନାରେ ।

ଏଇ ସମୟରେ ସେ ଗୋଟାଏ ବିଚିତ୍ର ଗର୍ଜନ ଶୁଣିବାକୁ ପାଇଲା । ବୁଲିପଡ଼ି ଦେଖିଲା, ଗୋଟାଏ ବିରାଟ ପକ୍ଷୀ ମାଡ଼ିଆସୁଛି ତା' ଆଡ଼କୁ । କିନ୍ତୁ କ୍ଷଣକରେ ସେ ବୁଝିଲା ଯେ ଇଏ କୋଉ ପକ୍ଷୀ ନୁହେଁ, ଉଡ଼ାଜାହାଜଟାଏ । ତା' ମାଆଠାରୁ ସେ ଶୁଣିଛି ସେଇ ମିଛ ଚଢ଼େଇମାନଙ୍କ ବିଷୟରେ । ସେଗୁଡ଼ା କୁଆଡ଼େ କେଉଁ ଧାତୁରେ ତିଆରି, ଆଉ ମଣିଷମାନେ ବସିଥାନ୍ତି ତା' ଭିତରେ । ମଧ୍ୟ ତାକୁ କୁହାଯାଇଛି ଯେ ସେମାନେ ମିଶନ୍ତି ନାହିଁ ଆଉ କାହା ସାଙ୍ଗରେ । ମନେହୁଏ ଯେ ଖାଲି ଏମିତିକା ଅଭଦ୍ର ଗର୍ଜନ କରିବା ଛଡ଼ା ଆଉ କିଛି ଜଣାନାହିଁ ତାଙ୍କୁ ।

ଉଡ଼ାଜାହାଜ କୁନିମେଘର ପାଖ ଦେଇ ଗଲା, କିନ୍ତୁ ତାକୁ 'ହ୍ୟାଲୋ !' ବୋଲି ପଦେ କହିଲା ନାହିଁ, କି ହାତ ହଲେଇଲା ନାହିଁ । ସହଜେ କୁନି ମେଘ ବି ଚାହିଁଲା ନାହିଁ ତା' ସାଙ୍ଗରେ ମିଶିବା ପାଇଁ । ସେ କେବଳ ଦେଖିଲା ସେ ଦୂରରୁ ଦୂରକୁ ଚାଲିଯାଇଛି ଏବଂ ଶେଷକୁ, ଶେଷକୁ ଓହ୍ଲେଇ ଯାଇଛି ତଳକୁ ! ଆଶ୍ଚର୍ଯ୍ୟ ! କେହି ତା'କୁ କହିନାହାନ୍ତି ତ ଯେ ସେମାନେ ତଳକୁ, ପୃଥିବୀକୁ, ଓହ୍ଲେଇଯାଇ ପାରନ୍ତି ?

ସେଇଠୁଁ କୁନି ମେଘ ଅନେଇଲା ତଳକୁ । ନିରେଖି ଦେଖିଲା, ସେଠି କ'ଣ ସବୁ ଅଛି ବୋଲି ଜାଣିବା ଲାଗି । ଏବଂ ଦେଖିଲା ପୃଥିବୀର ଛବି । ପାହାଡ଼ ପର୍ବତ, ନଈ ନାଳ, ପଡ଼ିଆ ବନସ୍ତ, ଆଉ ବଡ଼ ବଡ଼ କୋଠା । ଏବଂ ମଣିଷମାନଙ୍କୁ । ମଧ୍ୟ ଆକାଶର ଆଉ ଟିକିଏ ତଳକୁ କେତେ ଚଢ଼େଇ ସବୁ

Digitized by srujanika@gmail.com



ଘୂରିବୁଲୁଛନ୍ତି । ତାଙ୍କ ଭିତରେ ଗୋଟାଏ ବଡ଼ ଚଢ଼େଇ ଥିଲା । (ତା' ନାଆଁ ଚିଲ ବୋଲି ଜଣା ନଥିଲା ତାକୁ) ଯେ ବରାବର ଉପରକୁ ଉଠିବାକୁ ଚେଷ୍ଟା କରୁଥାଏ, ବୋଧହୁଏ ତା' ସାଙ୍ଗରେ ମିଶିବା ଲାଗି । 'ଆହୁରି ଲାଗି ପଡ଼, ଆଉ ଟିକିଏ ଚେଷ୍ଟା କର...' କୁନିମେଘ ତାକୁ ଡାକିଲା ବଡ଼ ପାଟି କରି । କିନ୍ତୁ କୌଣସି ଉତ୍ତର ମିଳିଲା ନାହିଁ । ଓଲଟି ସେ ଦେଖିଲା ଯେ ଚଢ଼େଇଟା ହଠାତ୍ ସୁ'କିନି ଖସିଯାଉଛି ତଳକୁ । କଥା କଅଣ ?

Digitized by srujanika@gmail.com



କୁନିମେଘକୁ ରାଗ ଲାଗିଲା । ଭାବିଲା ଯେ ଯଦି ଏଇ ସାମାନ୍ୟ ସାଧାରଣ ଜୀବଗୁଡ଼ା, ମିଛ ଚଢ଼େଇ ହେଉ କି ସତ ଚଢ଼େଇ, ଏମାନେ ଯଦି ମନ ଇଚ୍ଛା ତଳକୁ ଖସି ଯାଇପାରନ୍ତି ଏମିତି, ମୁଁ ବି କ'ଣ ସେମିତି କରିପାରନ୍ତି ନାହିଁ ? ଦେଖନ୍ତି ନାହିଁ ପୃଥିବୀରେ କ'ଣ ସବୁ ଅଛି ? ମାଆ ଭାଇଙ୍କ ସାନକୁହା ଭୁଲିହୋଇ ଗଲାଣି ସେତେବେଳକୁ ।

ସେଇଠୁଁ କୁନିମେଘ ଖସିଲା ତଳକୁ... ଆହୁରି ଆହୁରି ତଳକୁ । ଏବଂ ଲାଖିଗଲା ଗୋଟାଏ ପାହାଡ଼ର ଶିଖ ଉପରେ !

Digitized by srujanika@gmail.com

ପାହାଡ଼ରେ ରହୁଥିବା ଲୋକମାନେ ନିଦରୁ ଉଠି ଦେଖିଲେ, ତା' ପରଦିନ ସକାଳେ, ଯେ ଅଦିନ କୁହୁଡ଼ିଟାଏ ଘୋଟିଯାଇଛି ଚାରିଆଡ଼େ । ମୁହଁକୁ ମୁହଁ ଦିଶୁ ନାହିଁ । ସହଜେ ସେମାନେ ତାକୁ ଗାଳିମନ୍ଦ କଲେ । କିନ୍ତୁ କେମିତି ବୁଝିବେ ଯେ ବିଚରା ମେଘ ପିଲାଟାଏ ଅଟକି ଯାଇଛି ଏମିତି, ଆଉ ଉପରକୁ ଉଠି ପାରୁ ନାହିଁ ?

ମୂଳ ଇଂରାଜୀ ଲେଖା "Little Cloud" – ବିଶ୍ୱଜିତା ଦାସ । ଶଙ୍କରଙ୍କର "Children's World"ର ଜୁନ୍ ୧୯୭୭ ସଂଖ୍ୟାରେ ପ୍ରକାଶିତ । ଏବଂ ଦିଲ୍ଲୀର ''ରତ୍ନା ସାଗର ପ୍ରାଇଭେଟ୍ ଲିମିଟେଡ୍''ଙ୍କ ଦ୍ୱାରା ପ୍ରକାଶିତ "The Moon Beamed : Stories and Poems, Viswajita Das" ନାମକ ପୁସ୍ତକରେ ସଂଗୃହୀତ ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ ।

Digitized by srujanika@gmail.com

ଟିକେ ଓଦାଓଦା, ଟିକେ ଚିକିଚିକି

କେତେକ ପଶୁପକ୍ଷୀ ସଜ ହେଉଥିଲେ ନାଚଘରକୁ ଯିବା ପାଇଁ । ସେଇଠି ହାତ ଧରାଧରି ହୋଇ ନାଚିବେ ବୋଲି । ଖୋଦ୍ ମିଷ୍ଟର ଓ ମିସେସ୍ ସିଂହଙ୍କ ନିମନ୍ତ୍ରଣ । କାହାରି ସନ୍ଦେହ ନଥିଲା ଯେ ନାଚଟା ବେଶ୍ ଜମିବ ।

କେତେଦିନୁ କଥା ଚାଲିଛି ଯେ ସେଦିନକୁ କୋଉ ପୋଷାକ ପିନ୍ଧିବା, କେମିତି ଯିବା, କାହା ସାଙ୍ଗରେ ଯିବା, ଇତ୍ୟାଦି । ସେସବୁ ଠିକ୍‌ଠାକ୍ ହୋଇଗଲାଣି ଏଇକ୍ଷଣି । ମିସ୍ କଲରାପତରି ବାଘ ଓ ମିସ୍ ଠେକୁଆଙ୍କ ଯିବାର ଅଛି ମିଷ୍ଟର ଓ ମିସେସ୍ ଘୋଡ଼ାଙ୍କ ସାଙ୍ଗରେ । ଠେକୁଆଙ୍କ ଘରେ ଦି'ଜଣଯାକ ଅପେକ୍ଷା କରି ଥାଆନ୍ତି ଘୋଡ଼ାଙ୍କ ଗାଡ଼ି ପାଇଁ ।

କଲରାପତରି ତା'ର ପ୍ରିୟ ଛାପିଛାପିକା କୋଟ୍ ଖଣ୍ଡକ ପିନ୍ଧିଥାଏ । ଯେତେ ବଡ଼ଲୋକିଆ ନିମନ୍ତ୍ରଣ ଥାଉନା କାହିଁକି ସେ ଏଇ କୋଟ୍ ବଦଳରେ କେଉଁ ଭଲ ପୋଷାକ ପିନ୍ଧିବାକୁ ମଙ୍ଗେ ନାହିଁ ।

ଠେକୁଆ ପିନ୍ଧିଥିଲା ଗୋଟିଏ ଧୋବ ଗୁମୁରୁମିଆ କୋଟ୍ । ବେଶ୍ ନରମ ଓ ଚକ୍‌ଚକ୍ । ସେ ତାକୁ ବୁରୁଶ୍‌ରେ ଆଉଁଶୁଥାଏ । ଏହି ସମୟରେ ଗାଡ଼ି ଆସି ପହୁଞ୍ଚିଗଲା ।

କଲରାପତରି ଓ ଠେକୁଆ ଦିହେଁ ଧୀରେସୁସ୍ଥେ ଚାଲିଲେ ଘୋଡ଼ାଗାଡ଼ି ପାଖକୁ । କିନ୍ତୁ ଠିକ୍ ବାହାରିଲା ବେଳକୁ ଠେକୁଆ ହଠାତ୍ ପାଟି କରି ଉଠିଲା–"ରହିଥା, ରହିଥା ! ମୋ' ନାକଟା ଟିକେ ଓଦା ଓଦା, ଟିକେ ଚିକିଚିକି ଲାଗୁଛି ।" ଆରେ, କ'ଣ ହେଲା ବୋଲି କେହି କିଛି ବୁଝିବା ଆଗରୁ ସେ ଗାଡ଼ିରୁ ଓହ୍ଲେଇଯାଇ ପଳେଇଗଲା ଘର ଭିତରକୁ ।

କିଛି ସମୟ ପରେ ଠେକୁଆ ଫେରିଆସିଲା ଦାଣ୍ଡ ଦୁଆରକୁ । ଦେଖାଗଲା ଯେ ସେ ନାକରେ ପାଉଡର୍ ବୋଳିହୋଇ ଆସିଛି, ଆଉ ପାଉଡର୍ ପପ୍‌ଟାକୁ ଧରିଛି ତା' ହାତରେ ।

Digitized by srujanika@gmail.com

କଲରାପତରି, ଠେକୁଆ ଓ ଘୋଡ଼ା ସ୍ୱାମୀ-ସ୍ତ୍ରୀ ସିଂହଙ୍କ ବଙ୍ଗଳାରେ ଆସି ପହଞ୍ଚିଲା ବେଳକୁ ନାଚ ପୂରାପୂରି ଆରମ୍ଭ ହୋଇଗଲାଣି । ଗହଳି କାହିଁରେ କଅଣ, ଏବଂ ସମସ୍ତେ ଉଚ୍ଚାଟ ହୋଇ କୁହାବୋଲା ହେଉଛନ୍ତି । ସେଥିରୁ ପଦେଅଧେ ଯାଙ୍କ କାନରେ ପଡ଼ୁଥାଏ-

''...ଆଉ କେଡ଼େ ବଢ଼ିଆ ଆଲୁଅ !''

''...ଆରେ, ବ୍ୟାଣ୍ଡପାର୍ଟି ବି ଏଠିକାର ନୁହେଁ ମ ?''

''...ମୁଁ ଭାବୁଛି, ରାଜ୍ୟର ପ୍ରାୟ ସମସ୍ତଙ୍କୁ ଡକା ହୋଇଛି ।''

''...ଆରେ, କଇଁଛ ସେଥିରୁ କ'ଣ ଗୋଟାଏ ପିନ୍ଧିଛି ? କ'ଣ ତା' ମତଲବ ?''

ଠେକୁଆ ହାଁ କରି ଅନେଇଥିଲା ସମସ୍ତଙ୍କ ଆଡ଼କୁ । ଶେଷକୁ ବିଲୁଆ ଟୋକା ତାକୁ ଡାକିଲା ନାଚିବା ପାଇଁ । ଟୋକାଟୋକୀ ଦି'ଜଣ ହାତ ଧରାଧରି ହୋଇ ନାଚିବାକୁ ଲାଗିଲେ । ନାଚି ନାଚି ହଲ୍‌ର ମଝିକୁ ଆସିଗଲେଣି, ଏହି ସମୟରେ ଠେକୁଆ ଅଟକିଗଲା । କହିଲା, ''ମୋ' ନାକ, ମୋ' ନାକ ! ଭାବୁଛି ଟିକେ ଓଦାଓଦା, ଟିକେ ଚିକିଚିକି ହୋଇଗଲାଣି ।'' ସେଇଠୁଁ ସେ ତା' ନାକରେ ପାଉଡର୍ ମାଖି ହେଲା । ତା'ର ଏମିତିକା ଢଙ୍ଗ ଦେଖି ବିଲୁଅ ଟୋକା ତାକୁ ପୁଣିଥରେ ଡାକିଲା ନାହିଁ ନାଚିବା ପାଇଁ ।

Digitized by srujanika@gmail.com

ମିସ୍ ଠେକୁଆ ଅନ୍ୟମାନଙ୍କ ସାଙ୍ଗରେ ନାଚିଲା, କିନ୍ତୁ ନାଚ ମଝିରେ ଏମିତି ଅଟକି ଯାଉଥାଏ ଥରକୁ ଥର । ଖାଲି ତା’ ନାକରେ ପାଉଡର ମାଖିବା ଲାଗି । ଫଳରେ ତା’ର ଯେତେକ ନାଚ-ସାଙ୍ଗ, ସମସ୍ତେ ଖସିଗଲେ ଗୋଟି ଗୋଟି ହୋଇ, ଯଦିଓ ସେ ବେଶ୍ ଭଲ ନାଚିପାରେ ।

ତା’ପରେ ନିଜେ ମିଷ୍ଟର ସିଂହ ଆସି ପହୁଁଞ୍ଚିଲେ ତା’ ପାଖରେ ଓ ତାକୁ ଡାକିଲେ ନାଚିବା ପାଇଁ । ମିଷ୍ଟର ସିଂହଙ୍କ ଠାରୁ ନାଚ ନିମନ୍ତ୍ରଣ ପାଇବା କମ୍ ଗୌରବର କଥା ନୁହେଁ । ସଭିଏଁ ଥମକି ରହିଗଲେ ଓ ଅନେଇଲେ ତାଙ୍କ ଆଡ଼କୁ । ଇସ୍, କେତେ ବଢ଼ିଆ ନାଚୁଛନ୍ତି ଦି’ଜଣଯାକ ! ଠିକଣାରେ ପଡୁଛି ଦିହିଁଙ୍କ ପାଦ । ଏକାସାଙ୍ଗରେ, ସମାନ ତାଳରେ । ମନେ ହେଉଛି ଦିହିଁଙ୍କି ଦିହେଁ ଚାହାଁନ୍ତି ଯେ ଆରଜଣକର

Digitized by srujanika@gmail.com

ନାଚରେ କିଛି ଉଣା ନରହୁ । ସେମାନେ ନାଚି ନାଚି ଆଗକୁ ଯାଉଥାଆନ୍ତି, ପୁଣି ପଛକୁ ଆସୁଥାଆନ୍ତି । ସେଇଠୁଁ କଡ଼େଇ କଡ଼େଇ ନାଚୁଥାଆନ୍ତି । କେତେ ଢଙ୍ଗରେ ଘୂରି ବୁଲୁଥାଆନ୍ତି । ଏମିତି ଥରେ ମସ୍ତ ହୋଇ ଘୂରିବୁଲିଲା ବେଳେ...ପୁଣି ସେଇକଥା !

‘‘ପ୍ଲିଜ୍ ରୁହନ୍ତୁ ! ମୋ’ ନାକ !’’ ଠେକୁଆ ପାଟିକରି ଉଠିଲା, ‘‘ନାକଟା ପୁଣି ଟିକେ ଓଦାଓଦା, ଟିକେ ଚିକିଚିକି ହେଲାଣି ନା କଅଣ !’’ ଏଇଆ କହି ସେ ତା’ ପାଉଡର୍ ପଫ୍ କାଢ଼ିଆଣିଲା, ଆଉ ପାଉଡର୍ ବୋଳି ହେଲା ତା’ ନାକରେ ।

ମିଷ୍ଟର ସିଂହ ତାତି ଉଠିଲେ । ଏଭଳି ଅଭଦ୍ର ବ୍ୟବହାର କେହି କରି ନଥିଲେ ତାଙ୍କ ସାଙ୍ଗରେ ଏଥି ପୂର୍ବରୁ । ରାଗି କରି ସେ କ’ଣ ବୋଲି କ’ଣ କରିବାକୁ ଯାଉଥିଲେ । କିନ୍ତୁ ଯଥାସମୟରେ ତାଙ୍କର ଚେତା ହେଲା ଯେ ଠେକୁଆ ବି ଜଣେ ନିମନ୍ତ୍ରିତ ଅତିଥି । ତେବେ, କିଛି ଗୋଟାଏ କରିବାକୁ ହେବ ତାକୁ ଶିକ୍ଷା ଦେବା ପାଇଁ । ତେଣୁ ସେ କ’ଣ କଲେନା ପାଉଡର୍ ପଫ୍‌ଟା ଛଡ଼େଇ ନେଲେ ତା’ ହାତରୁ, ଆଉ ତାକୁ ଖୋସିଦେଲେ ତା’ ପଛରେ, ଯେଉଁଠିକି ତା’ ହାତ ପାଇବ ନାହିଁ । ଫଳରେ ନାଚର ବାକି ସମୟତକ ଠେକୁଆର ନାକ ଟିକେ ଓଦାଳିଆ ଆଉ ଚିକିଚିକି ହୋଇ ରହିଲା ।

ଏବଂ ସେମିତି ରହିଗଲା ତା’ ଜୀବନଟାଯାକ । କାରଣ ସେ ତା’ ପାଉଡର୍ ପଫ୍‌ଟାକୁ ଆଉ ଫେରାଇ ଆଣି ପାରିଲା ନାହିଁ ।

ଆଜିଯାଏ ବି ଦେଖୁଥିବ ଠେକୁଆର ନାକ ସବୁବେଳେ ଟିକେ ଓଦାଓଦା ଓ ଟିକେ ଚିକିଚିକି ହୋଇ ରହିଛି । ଆଉ ତା’ ଲାଞ୍ଜଟା ଦିଶୁ ନାହିଁ କି ପାଉଡର୍ ପଫ୍ ପରି ?

ମୂଳ ଇଂରାଜୀ ଲେଖା "A Little Shiny, A Little Wet" – ବିଶ୍ୱଜିତା ଦାସ । ଦିଲ୍ଲୀର "Ratna Sagar Pvt. Ltd"ଙ୍କ ଦ୍ୱାରା ପ୍ରକାଶିତ "The Moon Beamed : Stories and Poems, Viswajita Das" ନାମକ ପୁସ୍ତକରେ ସଂଗୃହୀତ ।

ଓଡ଼ିଆ ଅନୁବାଦ : କିଶୋରୀ ଚରଣ ଦାସ । ଓଡ଼ିଶା ସରକାରଙ୍କ ଅଧୀନସ୍ଥ ‘‘ଶିଶୁ ସାହିତ୍ୟ ସମିତି’’ର ମାସିକ ପତ୍ରିକା ‘‘ଶିଶୁଲେଖା’’ର ମାର୍ଚ୍ଚ ୧୯୯୩ ସଂଖ୍ୟାରେ ପ୍ରକାଶିତ ।

Digitized by srujanika@gmail.com

ବିଶ୍ୱଜିତା ଦାସ :
ସଂକ୍ଷିପ୍ତ ଜୀବନୀ ଓ ସାହିତ୍ୟକୃତି

ଜନ୍ମ	୨୦ ଅଗଷ୍ଟ ୧୯୫୩, ନୂଆଦିଲ୍ଲୀ

ପିତା ମାତା : ଶ୍ରୀ କିଶୋରୀଚରଣ ଦାସ
ଶ୍ରୀମତୀ କୁମାରୀ ଦାସ
''ବିପ୍ରଚରଣ ଭବନ''
ଖଟ୍‌ବିନ୍ ସାହି, କଟକ - ୭୫୩ ୦୦୮

ସ୍ୱାମୀ	ଶ୍ରୀ ଶୁଭକାନ୍ତ ଦାସ
ଆର୍କିଟେକ୍ଟ
T-16/1-DLF, Qutab Enclave (Phase III), Gurgaon - 12202

ପୁତ୍ରକନ୍ୟା	ଝିଅ ଗୀତି – ଜନ୍ମ ୨୩ ଡିସେମ୍ବର ୧୯୮୧
ପୁଅ ଅଭିଷେକ – ଜନ୍ମ ୧୬ ଜୁନ୍ ୧୯୮୭

ତିରୋଧାନ : ୧୧ ନଭେମ୍ବର ୧୯୯୦ (ଆଗ୍ରା ନିକଟବର୍ତ୍ତୀ ଏକ ଆକସ୍ମିକ ସଡ଼କ ଦୁର୍ଘଟଣାରେ) । ବିଶ୍ୱଜିତା କଲିକତା ବିଶ୍ୱବିଦ୍ୟାଳୟରୁ ଇଂରାଜୀ ଅନର୍ସ ନେଇ ବି.ଏ. ପାସ୍ କଲା ପରେ ଦିଲ୍ଲୀର "National Institute of Mass Communication and Information Technology"ରୁ ଜର୍ଣ୍ଣାଲିଜ୍‌ମ୍‌ରେ ଡିପ୍ଲୋମା ହାସଲ କରିଥିଲେ । ''ଷ୍ଟେଟ୍‌ସ୍‌ମାନ୍'' ଏବଂ ଅନ୍ୟାନ୍ୟ ପତ୍ରପତ୍ରିକାରେ ଅନୁଭୂତିମୂଳକ ଲଘୁକଥା ପ୍ରକାଶିତ କଲାପରେ ସେ କ୍ରମଶଃ ଶିଶୁସାହିତ୍ୟ ପ୍ରତି ଆକୃଷ୍ଟ ହେଲେ, ଏବଂ ସୁପ୍ରସିଦ୍ଧ ବ୍ୟଙ୍ଗ ଚିତ୍ରକାର ଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ "Children's World"ର ସମ୍ପାଦକ ମଣ୍ଡଳୀରେ ଯୋଗ ଦେଲେ । ଏବଂ ପରେ ଦିଲ୍ଲୀର "Living Media India"ର ଶିଶୁପତ୍ରିକା "The Target"ର ପ୍ରଥମ ସହକାରୀ ସମ୍ପାଦକ ଭାବରେ ଯୋଗ ଦେଲେ । ଏବଂ ଏହି ଦୁଇଟି ସ୍ଥାନରେ ସମ୍ପାଦକୀୟ ଦାୟିତ୍ୱ ତୁଲେଇବା ଛଡ଼ା ସେ ଅନେକ ଗଳ୍ପ, କବିତା ଓ ଫିଚର ଲେଖିଯାଇଛନ୍ତି, ଯାହା ଏହି ଦୁଇଟି ପତ୍ରିକାରେ

Digitized by srujanika@gmail.com

ପ୍ରକାଶିତ ହୋଇଛି । ୧୯୮୦ ଶୁଭକାନ୍ତ ଦାସଙ୍କ ସହିତ ବିବାହ ହେଲା ପରେ ସେ ଚାକିରି ଛାଡ଼ିଦେଇ "The Target"ର ଜଣେ ପରାମର୍ଶଦାତା ଭାବରେ କାମ କଲେ, ମଧ୍ୟ ସେଥିରେ ତାଙ୍କ ଲେଖା ଛପାଇବାକୁ ଲାଗିଲେ । ତାଙ୍କର ଲେଖା ସମ୍ପର୍କରେ କେତୋଟି ଉଲ୍ଲେଖନୀୟ ତଥ୍ୟ–

ତାଙ୍କର କେତୋଟି ଗଳ୍ପ "Tuan Tuin (ଟୁଆଁଟୁଇଁ) and other stories" ଦିଲ୍ଲୀର ଲିଭିଂ ମେଡିଆ ଦ୍ୱାରା ପ୍ରକାଶିତ ହୋଇଛି ।

ତାଙ୍କର କେତୋଟି ଗଳ୍ପ ଦିଲ୍ଲୀର 'ରତ୍ନା ସାଗର'ଙ୍କ ଦ୍ୱାରା ପ୍ରକାଶିତ "Ten Modern Short Stories"ରେ ସ୍ଥାନିତ ହୋଇଛି । ଏହି ସଂକଳନଟି ଦିଲ୍ଲୀର ସ୍କୁଲମାନଙ୍କର ଅନ୍ୟତମ ପାଠ୍ୟପୁସ୍ତକ ରୂପେ ଗୃହୀତ ହୋଇଛି ।

'ଗାୟବ୍ ଆୟା' ନାମକ ତାଙ୍କର ଗୋଟିଏ କାର୍ଟୁନ-ଗଳ୍ପ ଧାରାବାହିକ ଭାବରେ ଦିଲ୍ଲୀ 'ଦୂରଦର୍ଶନ' ଦ୍ୱାରା ପ୍ରସାରିତ ହୋଇଥିଲା ।

ତାଙ୍କର କାର୍ଟୁନ୍ ଚରିତ୍ର 'ମୁଚ୍ଛୱାଲା' ମଧ୍ୟ "The Target"ର ଜଣେ ବିଶେଷ ଲୋକପ୍ରିୟ ଚରିତ୍ର ଭାବରେ ପରିଗଣିତ ।

ତାଙ୍କର ମୃତ୍ୟୁ ପରେ "The Moon Beamed : Stories and Poems By Viswajita Das" ୧୯୯୩ ମସିହାରେ ଦିଲ୍ଲୀର 'ରତ୍ନା ସାଗର'ଙ୍କ ଦ୍ୱାରା ପ୍ରକାଶିତ ହୋଇଛି ।

୧୯୯୪ ମସିହାରେ ଓଡ଼ିଶା ସରକାରଙ୍କ ଦ୍ୱାରା ''ବିଶ୍ୱଜିତା ସ୍ମୃତି ପୁରସ୍କାର'' ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ବର୍ଷ ଓଡ଼ିଶାର ଶ୍ରେଷ୍ଠ ଶିଶୁ ସାହିତ୍ୟିକ ଭାବରେ ବିବେଚିତ ହୋଇଥିବା ଲେଖକ ଲେଖିକାଙ୍କୁ ଏହି ପୁରସ୍କାର (୫୦୦ଟଙ୍କା) ମିଳିଥାଏ । ଏହାର ମୂଳଧନ ସ୍ୱାମୀ ଶୁଭକାନ୍ତ ଦାସ ପ୍ରଦାନ କରିଛନ୍ତି । ନାନାଦି କାରଣରୁ ମଝିରେ କେତୋଟି ବର୍ଷ ଏହି ପୁରସ୍କାର ଦିଆଯାଇ ପାରି ନଥିଲା । ତେବେ ୨୦୦୪ ଠାରୁ ଏହା ପୁଣି ନିୟମିତ ଭାବରେ ଦିଆଯିବ ବୋଲି ଓଡ଼ିଶା ସରକାର ଜଣାଇଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ ସ୍ୱାମୀ ଶୁଭକାନ୍ତ ଦାସ ପୁନର୍ବିବାହ କରି ନାହାନ୍ତି । ଝିଅ ଗୀତି ନିକଟରେ ଯୁକ୍ତରାଷ୍ଟ୍ର ଆମେରିକାର ଫିଲାଡେଲ୍‌ଫିଆରେ ଥିବା ଓମେନ୍ସ କଲେଜରୁ ଦର୍ଶନଶାସ୍ତ୍ର ପ୍ରଧାନ ଗ୍ରାଜୁଏଟ ହୋଇ ଗୁଡ଼୍‌ଗାଓଁରେ ଉପରୋକ୍ତ ଠିକଣାରେ ବାପାଙ୍କ ପାଖରେ ଅଛି । ତା'ର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର ହୋଇନାହିଁ । ପୁଅ ଅଭିଷେକ ବାପାଙ୍କ ପାଖରେ ଅଛି ଏବଂ ଦିଲ୍ଲୀର ଗୋଟିଏ ସ୍କୁଲରେ ପାଠ ପଢୁଛି ।

Digitized by srujanika@gmail.com

ବିଶ୍ୱଜିତାଙ୍କ କନ୍ୟା 'ଗୀତି'ର ସ୍ମୃତି କଥା

[ବିଶ୍ୱଜିତା ଚାଲିଗଲା ବେଳକୁ ତା'ର ଝିଅ ଓ ପ୍ରଥମ ସନ୍ତାନ ଗୀତିକୁ ନଅବର୍ଷ ପୂରି ନଥିଲା । ଯାହାହେଉ କିଛି ହେଲେ ମନେଅଛି ତା'ର, ଏବଂ ସେ 'ମାମା'ର ଲେଖାସବୁ ପଢ଼ି ସାରିଲାଣି ଇତିମଧ୍ୟରେ । କେଜାଣି କେତେଥର । ସେ ଦର୍ଶନ ଶାସ୍ତ୍ର ପ୍ରଧାନ ଗ୍ରାଜୁଏଟ୍‌ଟିଏ ହୋଇ ଫେରିଛି ଏବେ ଆମେରିକାରୁ । ସେ ଅଜାର ଅନୁରୋଧ ରକ୍ଷା କରି ଲେଖିଛି ଦି'ପଦ ଇଂରାଜୀରେ, ଏଇ ବହି ପାଇଁ । ମୁଁ ତା'ର ଓଡ଼ିଆ ଅନୁବାଦ କରିଛି –କିଶୋରୀ ଚରଣ]

ମାମାଙ୍କୁ ମନେପକାଇ

''ମୋ' ମାଆ ଏବଂ ତାଙ୍କ ଲେଖା ଉପରେ କିଛି ଭାବିଚିନ୍ତି କହିବା ଅସମ୍ଭବ, ମୋ'ର ପ୍ରତ୍ୟକ୍ଷ ସ୍ମୃତି-ଅନୁଭୂତିକୁ ନେଇ । ତେଣୁ ସେଭଳି ଚେଷ୍ଟା ମୁଁ କରିବାକୁ ଯାଉନାହିଁ । ସେ ଚାଲିଗଲା ବେଳକୁ ମୋ'ର ବୟସ ହୋଇନଥିଲା ତାଙ୍କୁ ଭଲ ଭାବରେ ଜାଣିବା ପାଇଁ, ସେହେତୁ ସେଥିର ବିଶ୍ଳେଷଣ କରିବି କେମିତି ? କିନ୍ତୁ ବଡ଼ ହେଲା ପରେ ମୁଁ ଯେତେବେଳେ ତାଙ୍କୁ ଅନୁଭବ କରିବାକୁ ଚାହିଁଲି, ମୁଁ ପଢ଼ିବସିଲି ତାଙ୍କର ଗପ ଓ କବିତାସବୁ । ସେଗୁଡ଼ିକ ହିଁ ବଳ ଦେଲା ମୋ'ର ସ୍ମୃତିକୁ, ତାଙ୍କୁ ଯଥାବିଧି ଜାଣିବା ଲାଗି । ଏବଂ ସେତକ ମୋର ଅମୂଲ୍ୟ ସମ୍ପଦ ହୋଇ ରହିଛି, ମୁଁ ତାଙ୍କରି ଝିଅ ବୋଲି ।

ମନେ ଅଛି ଯେ ପ୍ରକାଶ ପାଇଥିବା ଅନେକ ଗପ ସେ ମୋତେ ହିଁ ପ୍ରଥମେ ପଢ଼ି ଶୁଣାଇଥିଲେ । ମୁଁ ଥିଲି ତାଙ୍କର ସର୍ବପ୍ରଥମ ଶ୍ରୋତା, ଯେତେବେଳେ ମୁଁ ପଢ଼ିଜାଣି ନଥିଲି । ହେଲେ, ମୁଁ ଆନନ୍ଦରେ ହସି ଉଠିଛି ତାକୁ ଶୁଣିଲାରୁ, ମୋ'ର ମିଶିଗଲା ପରି ମନେହୋଇଛି ସେଇ ପ୍ରାଣୀମାନଙ୍କ ସାଙ୍ଗରେ, ଏବଂ ମୋ'ର ଇଚ୍ଛା ହୋଇଛି ଗପଟିକୁ ପୁଣିଥରେ ଶୁଣିବା ଲାଗି । ବର୍ତ୍ତମାନ ସେଗୁଡ଼ିକୁ ପଢ଼ିଲାରୁ ଓ ହେଜିଲାରୁ ମୋ'ର ମନେପଡୁଛି ତାଙ୍କ ଚେହେରା ଚରିତ୍ରର କେତୋଟି ବିଶିଷ୍ଟ ରୂପରଙ୍ଗ, ଯାହା ସଦା ସ୍ମରଣୀୟ ।

Digitized by srujanika@gmail.com

ମୋ'ର ଧାରଣା ଯେ ସେ ସେହି ଅଳ୍ପସଂଖ୍ୟକ ଶିଶୁ ସାହିତ୍ୟର ରଚୟିତାମାନଙ୍କ ମଧ୍ୟରୁ ଜଣେ, ଯେଉଁମାନେ କେବଳ ତାଙ୍କ ଚରିତ୍ରମାନଙ୍କୁ ଚିହ୍ନି ନଥିଲେ ଚିହ୍ନିଲା ପରି, ତାଙ୍କୁ ଆପଣାର କରି ନେଉଥିଲେ । ଆଦୌ କହୁ ନଥିଲେ ଯେ ଏଇଟି ଭଲ, ଏଇଟି ଖରାପ, ଇଏ ତମ ମିତ୍ର ଏବଂ ଇଏ ତମ ଶତ୍ରୁ । କେବଳ ଜଣାଇବାକୁ ଚାହୁଁଥିଲେ ଯେ ଏମାନେ ଜୀବନ୍ତ, ଏଇ ପ୍ରାଣୀ ମଣିଷମାନେ, ତାଙ୍କର ନାନାଦି ଦୋଷଦୁର୍ବଳତାକୁ ନେଇ, ଯାହାଙ୍କୁ ତମେ ଭଲ ନ ପାଇ ରହିପାରିବ ନାହିଁ ।

ମୋ' ମାଆଙ୍କୁ ମନେ ପକାଇଲା ବେଳେ ଏହା ହିଁ ସବୁଠାରୁ ଅଧିକ ପରିସ୍ଫୁଟ ହୋଇଉଠେ, ତାଙ୍କ ସ୍ୱଗୁଣର ସାରକଥା, ତାଙ୍କ ସର୍ଜନାର ପ୍ରାଣୀମାନଙ୍କ ଜରିଆରେ । ତାଙ୍କର ଏଇ ସ୍ନେହବୋଳା ଉଦାର ଭାବ । ଯେ ସେ କେମିତି ନିଜକୁ ପୂରାପୂରି ମିଶେଇ ନେଇପାରନ୍ତି ଅପରର ଭାବ ଭାବନା ସାଙ୍ଗରେ । ତାଙ୍କର ଅପରୂପ ରସବୋଧ, ସେନ୍ସ ଅଫ୍ ହ୍ୟୁମର୍, ଯେଉଁଥିରେ ତିଳେ ମାତ୍ର ତିକ୍ତତା କିମ୍ବା ନିଷ୍ଠୁରତାର ଅସହିଷ୍ଣୁପଣ ନ ଥାଏ, ଅପରର କେଉଁ ଚାରିତ୍ରିକ ମନ୍ଦଗୁଣ ଯୋଗୁଁ । ଆଜିକାଲି କ୍ୱଚିତ୍ ମୋ' ଆଖିରେ ପଡ଼େ, ମଣିଷ ଆଚରଣର ଏଭଳି ଅକ୍ଷମତା । କାହାରିକୁ ଆଘାତ ଦେଇ ନ ପାରିବାର ଅକ୍ଷମତା । ଯେଉଁଥିରେ କେହି ହେଲେ ଭାବିପାରିବ ନାହିଁ ଯେ ମୁଁ ନିଗନ ତାଙ୍କ ଆଖିରେ, କିମ୍ବା ବହିଷ୍କୃତ ତାଙ୍କ ସୁନ୍ଦର ସଂସାରରୁ । ସେହେତୁ ଆଶ୍ଚର୍ଯ୍ୟ ହେବାର ନୁହେଁ ଯେ ମୋ'ର ଖେଳସାଙ୍ଗମାନେ ମଧ୍ୟ ତାଙ୍କୁ ଭଲ ପାଉଥିଲେ । ସେମାନେ ଜାଣିଥିଲେ ଯେ ତାଙ୍କୁ ନିଶ୍ଚୟ ସମୟ ମିଳିବ ଆମ ସାଙ୍ଗରେ ଖେଳିବା ପାଇଁ । ଏବଂ ଏଭଳି ଅପରିସୀମ ଧୈର୍ଯ୍ୟର ସହ, ଯେଉଁଥିରେ ଆମକୁ କାରଣଟିଏ ମିଳିବ ନାହିଁ ବୋର୍ ହୋଇ ଭଙ୍ଗାରୁଜାର ଦୁଷ୍ଟାମି କରିବା ଲାଗି । ପିଲାମାନେ ହୁଅନ୍ତୁ କି ବଡ଼ ମଣିଷ, ଏଇ ଗୋଟାଏ ବଡ଼ କାରଣ ନୁହେଁ କି, ଜୀବନଯାତ୍ରା ଉପରେ ବୋର୍ ହୋଇଉଠିବାର ପ୍ରବଣତା, ଯେକୌଣସି ବିନାଶମୂଳକ କାମର ସଫେଇ ହିସାବରେ ? ଏହା ହିଁ ଗୋଟାଏ ବଡ଼ ଗୁଣ ଥିଲା ତାଙ୍କ ପାଖରେ । ଏହି ଅସାଧାରଣ ମାନସିକତା । ସେ ଥିଲେ ସେହି ମୁଷ୍ଟିମେୟ କେତେଜଣଙ୍କ ଭିତରୁ ଜଣେ, ଯେଉଁମାନେ ସଦାସର୍ବଦା ନିଜର କୁତୂହଳୀ ମନରୁ ଉଦ୍ଭୂତ କଳ୍ପନା ଶକ୍ତିକୁ ଅକ୍ଷୁଣ୍ଣ ରଖିପାରନ୍ତି, ଏଇ ବିଚିତ୍ର ସୁନ୍ଦର ସୃଷ୍ଟି ଓ ସେଥିରେ ଥିବା ପ୍ରାଣୀମାନଙ୍କୁ ସ୍ୱୀକାର କରିନେଇ, ତଥା ସେମାନଙ୍କୁ ଭଲପାଇ, ତାଙ୍କ ଦେହ ମନରେ ଲାଗିଥିବା ଯାବତୀୟ ଧୂଳି ମଇଳା ସମେତ ।

ମୋ'ର ମନେହୁଏ ଯେ ଏଇ ଭାବଗୁଣର ଏକାନ୍ତ ଅଭାବ ଆଜିକାଲି । ଏବଂ ମୋ' ମାଆଙ୍କୁ ବ୍ୟକ୍ତିଗତ ଭାବରେ ଜାଣି ନଥିଲେ ମଧ୍ୟ ଅନେକେ ଉପକୃତ ହେବେ ତାଙ୍କ ଲେଖା ପଢ଼ିଲାଧୁ, ଯେଉଁଥିରେ ଏଇ ଅଭାବ କିଛିଟା ଦୂର ହୋଇପାରିବ ପରା । ହଜି ଯାଇଥିବା ଧନରୁ ଅଳ୍ପବହୁତ ଫେରି ପାଇଲା ପରି ।''

[ଗୀତିର ମୂଳ ଇଂରାଜୀ ଲେଖା ମଧ୍ୟ ପରବର୍ତ୍ତୀ ପୃଷ୍ଠାରେ ଦେଖିବାକୁ ପାଇବେ ।]

Digitized by srujanika@gmail.com

Geeti's writeup on Mama for the Book

It would be impossible for me to write about my mother or her writing in anything resembling on objective manner, so I will not attempt to do that now. My mother died when I was too young to analyse or even be aware of how I saw her. It was later, in trying to recover or reclaim what I knew of her, that I turned to the stories and poems she left behind, and these have now become inseparable in my mind.

I was the first audience for many of her stories, even before I had learned to read. I remember them as stories that I laughed at, identified with, and wanted to hear again as soon as the first telling was done. Looking at them now, I see in them many of her traits I remember best.

Unlike so many other children's authors, she had not only an affinity with, but also real empathy for the people she wrote for and the characters she created. There is no crass Absolutism in the form of 'Good' and 'Evil' here, no typical battle between protagonist and antagonist. Just characters who are often flawed, always lovable, and completely human.

These things are the strongest in my memory of who she was–gentleness and empathy, and a wonderfully quirky sense of humour that had not the smallest trace of bitterness or cruelty. It is rare to find a sense of humour these days that does not rely on making anyone feel small, or excluded, in its exercise. It is hardly surprising, then, that most of my playmates loved her too. They knew she would always find the time to play with us, and, with her endless powers of invention, keep us from the boredom that is so often destructive in children, and even more so in adults. That was another thing about her–in growing up, she was one of the few who found a way to keep her imagination, her curiosity, and her acceptance of and love for humanity with all its foibles and flaws.

These things are, today, all the more conspicuous by their absence, and so I think my mother's writing offers not only they who knew her, but anyone who reads it, a chance to recover what has been lost

●

Digitized by srujanika@gmail.com

ବିଶ୍ୱଜିତା ସ୍ମୃତି ପୁରସ୍କାର

'ସୂଚନା ପତ୍ର'

ଶିଶୁସାହିତ୍ୟ ସମିତି, ଓଡ଼ିଶା ପକ୍ଷରୁ ପ୍ରଥମ ଥର ପାଇଁ ଏହି ପୁରସ୍କାର ରାଜ୍ୟସ୍ତରରେ ପ୍ରବର୍ତ୍ତନ କରାଯାଉଛି । ସ୍ୱର୍ଗୀୟା ବିଶ୍ୱଜିତାଙ୍କ ସ୍ମୃତିରକ୍ଷା ପାଇଁ ତାଙ୍କର ସ୍ୱାମୀ ବିଶିଷ୍ଟ ସ୍ଥପତି ଶ୍ରୀଯୁକ୍ତ ଶୁଭକାନ୍ତ ଦାସ ସମିତିକୁ ପଚାଶହଜାର ଟଙ୍କା ପ୍ରଦାନ କରିଛନ୍ତି । ପରିବାରଙ୍କ ଚେଷ୍ଟାରେ ଏହି ପାଣ୍ଠି ଯଥାକ୍ରମେ ଏକଲକ୍ଷ ଟଙ୍କାକୁ ବଢ଼ାଇବାର ପରିକଳ୍ପନା ରହିଛି । ଉପସ୍ଥିତ ମୂଳଧନର ବାର୍ଷିକ ସୁଧରୁ ପ୍ରତିବର୍ଷ ଓଡ଼ିଆ ସାହିତ୍ୟର ଏକ ଶ୍ରେଷ୍ଠ ଶିଶୁ ସାହିତ୍ୟ କୃତି ପାଇଁ ଏହାର ଲେଖକଙ୍କୁ ପାଞ୍ଚହଜାର ଟଙ୍କା, ତାମ୍ର ଫଳକ ଓ ଅଙ୍ଗବସ୍ତ୍ର ଦିଆଯାଇ ସମ୍ମାନିତ କରାଯିବ । ପାଣ୍ଠିର ବୃଦ୍ଧି ଅନୁଯାୟୀ ପୁରସ୍କାର ଅର୍ଥର ପରିମାଣ ମଧ୍ୟ ବୃଦ୍ଧିପ୍ରାପ୍ତ ହେବ ଏବଂ ଆଶା କରାଯାଏ ଯେ, ଭବିଷ୍ୟତରେ ପୁରସ୍କାରର ପରିସର ଓଡ଼ିଆ, ବଙ୍ଗଳା, ଅହମୀୟା ଓ ମଣିପୁରୀ ଏହି ଚାରିଗୋଟି ପୂର୍ବାଞ୍ଚଳ ଭାଷା ସାହିତ୍ୟକୁ ସଂପ୍ରସାରିତ ହୋଇ ଏଥିମଧ୍ୟରୁ ପ୍ରତିବର୍ଷ ଯେକୌଣସି ଗୋଟିଏ ଭାଷାର ଶ୍ରେଷ୍ଠ କୃତିକୁ ଦଶହଜାର ଟଙ୍କା ଦ୍ୱାରା ପୁରସ୍କୃତ କରାଯିବ ।

Digitized by srujanika@gmail.com

ଚିଲ୍‌ଡ୍ରେନ୍‌ସ ୱାର୍ଲ୍ଡର ସମ୍ପାଦକୀୟ

... Dear Readers

Picture "Making A Collection" by Abdulla Dhaif (7) of Bahrain, "Rice plantation" for March-April by Kong Kait Kongchandee (15) of Thailand. "In the Desert" for man and June, by Naglaa Abdulraheem (13) of U.A.E. 'Cattle Grazing' for June-July by Bhiva Sarvagod (15) of India. "In the Zoo" for September-October by Risolat Zufarova of USSR and "Recreation Park" for Novermber-December by Noeryante Prasetyao (12) of Indonesia.

We are Sure the six pirctures will fill you with joy and happiness through 1991 and inspire you to greater and more glorious heights.

Unfortunately two people closely associated with *Chirldren's World*, will not go into 1991 with us. Eight-year old N. C. Shrinivasan passed away on November 4, 1990, shortly his poem *Books – My Best Friend* published in the November 1990 Childern's Special Issue. **A week later, Viswajita Das, who began her career in writing for children with *Children's World* in 1976, died in a road accident. We produce on page 76 one of Viswajita's best poems writen for *Children's World* in May 1977. On page 76 appears Shrinivasan's poem – a humble tribute to thier memory.**

Editorial
CHILDREN'S WORLD
January-1991

Digitized by srujanika@gmail.com

ଚିଲ୍ଡ୍ରେନ୍‌ସ ଓ୍ୱାର୍ଲ୍ଡରେ ପ୍ରକାଶିତ

ବିଶ୍ୱଜିତାଙ୍କ ଏକ ଶ୍ରେଷ୍ଠ କବିତା

LONG ARM, SHORT ARM

Was I seeing what I could see?
Or were my eyes deceiving me?
My left arm seemed to have become longer,
Or was it the right that had grown shorter?

For, a difference there certainly was,
But if it was a gain, or a loss,
Was something I could not say,
Though I felt it has come to stay

Long arm,
Short arm, -
Why should this arm
Differ from that arm?

I hope this condition doesn't last,
Or is this only the start?

If my left arm continues to grow
Until my fingers touch my toes,
There'll be no need to buy a broom -
My fingers will sweep the room!
But if my right arm continues to shrink
Will I use it as a wing?

Thinking about it I start to cry -
And pray that my eyes do lie.
When who should come along?
My brother, whistling a song!

He says;
"Hey that bag on your shoulder, -
Does it contain a boulder?
It is too heavy for you,
and makes it appear
As though one of your arms is longer
than the other!"

He takes the bag from me
Saying that he has more strength,
And to my great pleasure I see
My arms are both the same length!

Page 75
CHILDREN'S WORLD
January-1991

Digitized by srujanika@gmail.com

'ଟାର୍ଗେଟ୍' ପତ୍ରିକାର ଶୋକବାର୍ତ୍ତା

Have you heard about the rabbit who drank morning tea, and thought she was a cat? Or about the vain pig who loved pink, and who put everyone off till she fell in the mud and found happiness? Or about Double Four the unhappy bus who ran away from his route, till he started mising the fat Gujarati lady, the thin Parsi gentleman, and all the people he knew?

All these Personalities lived in the mind of Viswajita Das, Target's first assistant editor. Her imagination teemed with ideas for stories, most of them with a very special brand of humour, and her writing brought joy to thousands of Target readers. She wrote the first scripts for Detective Moochhwala, and many fairytale comics and Granny's Gupshups. She was the best firend of Bubblegum and her gang, and told us of their funny adventures. Recently Vis wrote several stories about Gayab, the friendly ghost, whose series appeared on TV in July, She was just working on another story series to be turned into animation films for TV.

Viswajita, our gentle, creative friend died in a road accident on 11 November 1990. We all miss her greatly. But her stories will always be there to bring pleasure to other children.

TARGET , December 1990

Digitized by srujanika@gmail.com

‘ଟାର୍ଗେଟ୍’ ପାଠକପାଠିକାମାନଙ୍କଠାରୁ ମିଳିଥିବା କେତୋଟି ଚିଠି

17th Dec. 1990

To

THE EDITOR,
The Target,
New Delhi.

Subject : Death of Viswajita Das

Sir,

I was shocked to learn that Viswajita was no more with us. It shocked me. I am her fan. I use to appriciate her scripts. I told my other firends about this sudden news, this news as pained them.

WE ALL PRAY TO THE ALMIGHTY TO GRANT PEACE TO THE DEPARTED SOUL.

YOURS
Sandeep Kumar,
C/o. J. C. Sharma,
3. New Tehsil Pura,
Amritsar - 143 001
(PUNJAB)

[Please publish my letter in your target thanks.]

Digitized by srujanika@gmail.com

TURGA UDAY

DIRECTORS BUNGALOW
IIP COLONY,
P.O. : IIP,
MOHKAMPUR
DEHRADUN - 248 005.

DATED : 11th December, 1990

Dear Editor,

I have been deeply associated with "TARGET" almost since its inception. I have known all its authors, story writer and editors. Although jeered by friends for reading TARGET which they consider to be a kiddies magazine. (but I do not) I have always been attracted towards its stories, cartoons and other goodies. Although I am not that old for deeper emotions like Nostalgia but the first twinges of sentimentality hit me on the day when I saw your snippet informing your readers about the untimely demise of Vishwajita Das whose stories are still fresh in my memory. On her first monthly death anniversary, I request you to dedicate this refurbished edition of "TARGET" which you shall be intordoucing in 1991 to this great childern's author and if possible compile all her stories from "Moochwala the detective" to "Grannys Cup shops" and introduce them in the form of a book. If not a book, it would be really humane of you to dedicate the new edition of "TARGET" to her. Please accept this humble appeal of a true "TARGET" lover.

Thanking you,

Your Sincerely

T UDAY

Digitized by srujanika@gmail.com

"ଟାର୍ଗେଟ୍" ପକ୍ଷରୁ ପାଠକଙ୍କୁ ଚିଠି

January 9, 1991

T. Uday
C/o Dr. T. S. R. Prasad Rao
Directors Bugalow
IIP Colony, P. O. : IIP
Mohkampur, Dehradun - 248 005

My dear Uday,

Though I am no longer the editor of Target, the new editor Amena Jayal has passed on your letter to me since it is concerned with our dear friend Viswajita who worked with us and contributed to Target for so many years.

I am going to send a copy of your letter to Vis' father and husband and small daughter Geeti aged eight, because I know they will deeply appreciate your love for Viswajita's stories, and the fact that you've cared enough to write to us about them.

What her father and friends (including me) are trying to do is the following.

1. Make a collection of Viswajita's stories both from Target and Children's world and publish them as a book. A private publisher has expressed interest in this project.

2. Try to interest our own Living Media marketing department in a collection or series of Bubblegum books. Vis worte about the gang for several years and we feel it will make a delightful book or books for younger readers. If our own company isn't interested we will approach another private publisher for the same purpose.

Viswajita's father is a poet and wirter in Oriya. He is planning to translate her stories for Oriya-speaking children.

It isn't possible now to dedicate the first issue of the new Target to Vis, but we do hope we'll be able to give countless other children pleasure by publishing collections of her delightful stories. Your letter strengthens our feeling that the books will be appreciated by young readers.

Many thanks for writing to us.

Best wished

Yours sincerely,
Rosalind M. Wilson
Editor, Target Spinoffs

Digitized by srujanika@gmail.com

ଟାର୍ଗେଟ୍‌ର ସମ୍ପାଦିକାଙ୍କ ଦ୍ୱାରା ରଚିତ ସ୍ମୃତି କବିତା

The Prayer Meeting for Viswajita

—Rosalind M. Wilson

On this hard terrace the mourners sit,
Heads bowed in prayer, compassion, or in grief.
Through the flames of the fire the eucalyptus dances,
Brids busy in the leaves. Above
wind streams clouds across the rain-washed blue.

Your cannot be hled by the weight of our giref.

You are already in the dancing flames,
The joyous wing, the tiny energy of birds,
And in the playing of the children.
An any moment, we can find you there.

Dear Mr. Das,

I am not a poet, but this thought came to me as we met together for the memorial prayer meeting. Today, when I received your gracious letter, I thought I should give you my thought. I hope you don't mind it.

With best wishes,

Rosalind

To

Kishori Charan Das.

Digitized by srujanika@gmail.com

ଶ୍ରୀମତୀ/ଶ୍ରୀ କିଶୋରୀ ଚରଣ ଦାସଙ୍କୁ 'ଟାର୍ଗେଟ୍' ସମ୍ପାଦିକାଙ୍କ ଚିଠି

November 14, 1990

Dear Mr. and Mrs. Das,

I cannot find words to express how we feel about the loss of Viswajita. This is the most grievous blow that can fall on any parent, and we all hope and pray that from somewhere you can find the strength to bear it.

I want to thank you for giving us Vis. For almost fifteen years she has been our colleague and dear fired. When we started Target she was the rock upon whom I could always rely – always committed, always responsible, always imaginative and full of ideas, sharing our search for excellence, for the best writing we cold give to children. She had a gentle, creative spritit, but she was strong too, and had clear ideas about what she wanted to achieve in any piece of writing. A whimsical sense of humor was her hallmark. She gave joy to many young readers, and had so much more to give. We are shocked and grieved by this targedy.

We are making a collection of photostats of Vis' writing in Target, and will send it to you when it is complete.

If there is any way in which we can help you, you have only to let us know.

In deepest sympathy, from all Vis' friends at Targed.

Yours Sincerely,

Rosalind M. Wilson
Editor, Target Spinoffs.

To
Mr. Kishori Charan Das.

Digitized by srujanika@gmail.com

ବିଶ୍ୱଜିତା
(୧୯୫୩-୧୯୯୦)

ବିଶ୍ୱଜିତା ଦାସ ଜାତୀୟସ୍ତରରେ ଶିଶୁ ଉପଯୋଗୀ ସାହିତ୍ୟ ରଚନା ଓ ପତ୍ରପତ୍ରିକା ସଂପାଦନା ପାଇଁ ସୁପରିଚିତ। ମ୍ୟାଜିକ୍ ଶିଢ଼ି ତାଙ୍କ ସାରସ୍ୱତ ପ୍ରତିଭାର ଏକ ଉଜ୍ଜ୍ୱଳ ଦିଗନ୍ତ।

କିଶୋରୀ ଚରଣ
(୧୯୨୪-୨୦୦୪)

ଶିଶୁମାନଙ୍କ ପାଇଁ ସୁକନ୍ୟା ବିଶ୍ୱଜିତାଙ୍କ ରଚିତ ବିଭିନ୍ନ ଇଂରାଜୀ ଗଳ୍ପର ଓଡ଼ିଆ ଅନୁବାଦ କରିଛନ୍ତି ତାଙ୍କର ପିତା ପ୍ରଖ୍ୟାତ କଥାକାର ଓ ଔପନ୍ୟାସିକ କିଶୋରୀ ଚରଣ ଦାସ।

ଏହି ଅନନ୍ୟ ଶିଶୁସାହିତ୍ୟ ପୁସ୍ତକର ସଂପାଦନା ଓ ଉପସ୍ଥାପନା କରିଛନ୍ତି ସୁପରିଚିତ ସାହିତ୍ୟ ସ୍ରଷ୍ଟା ଅଧ୍ୟାପକ ଡକ୍ଟର ବିଜୟାନନ୍ଦ ସିଂହ।

ଫ୍ରେଣ୍ଡସ୍ ପବ୍ଲିଶର୍ସ

ISBN 81-7401-585-X
9788174015853

Digitized by srujanika@gmail.com